CMYK

- Vol.- 45, Issue No. 334
- Sunday, 8 March 2026
- ରବିବାର, ୮ ମାର୍ଚ୍ଚ ୨୦୨୬
- Bhubaneswar
- Price: Rs. 2.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

- https://www.facebook.com/dinalipilive
- www.youtube.com/@dinalipilive
- https://www.dinalipi.com
- https://www.dinalipiepaper.com
- https://www.dinalipi.in
- twitter.com/DinalipiOnline


CAP - 33001/17/2526

ସୁଭଦ୍ରା

## ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ

ମୁଖ୍ୟମନ୍ତ୍ରୀ

## ଶ୍ରୀ ମୋହନ ଚରଣ ମାଝୀଙ୍କ

କରକମଳରେ




# ସୁଭଦ୍ରା ଚତୁର୍ଥ କିସ୍ତି



୧ କୋଟିରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ

## ୫ ହଜାର କୋଟିରୁ ଊର୍ଦ୍ଧ୍ୱ

ଟଙ୍କାର ଆର୍ଥିକ ସହାୟତା ପ୍ରଦାନ



**ଗରିମାମୟ ଉପସ୍ଥିତି**

ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ
ଉପ-ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶ୍ରୀମତୀ ପ୍ରଭାତୀ ପରିଡ଼ା
ଉପ-ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶ୍ରୀ ସମ୍ବିତ ପାତ୍ର
ସାଂସଦ, ପୁରୀ

ଶ୍ରୀ ବିଭୁପ୍ରସାଦ ତରାଇ
ସାଂସଦ, ଜଗତସିଂହପୁର

ଶ୍ରୀ ତୁଷାରକାନ୍ତି ବେହେରା
ବିଧାୟକ, କାକଟପୁର

ଶ୍ରୀ ସୁନୀଲ କୁମାର ମହାନ୍ତି
ବିଧାୟକ, ପୁରୀ

ଶ୍ରୀମତୀ ଉପାସନା ମହାପାତ୍ର
ବିଧାୟିକା, ବ୍ରହ୍ମଗିରି

ଶ୍ରୀ ଓମ୍ ପ୍ରକାଶ ମିଶ୍ର
ବିଧାୟକ, ସତ୍ୟବାଦୀ

ଶ୍ରୀ ଆଶ୍ରିତ ପଟ୍ଟନାୟକ
ବିଧାୟକ, ପିପିଲି

**୮ ମାର୍ଚ୍ଚ ୨୦୨୬, ପୁରୀ**

••• ସଶକ୍ତ ନାରୀ, ସମୃଦ୍ଧ ଓଡ଼ିଶା •••

- ପୁଲିସ୍ ହେଲ୍ପଲାଇନ୍ ୧୧୨
- ଚାଇଲ୍ଡ ହେଲ୍ପଲାଇନ୍ ୧୦୯୮
- ମହିଳା ହେଲ୍ପଲାଇନ୍ ୧୮୧
- ସୁଭଦ୍ରା ହେଲ୍ପଲାଇନ୍ ୧୪୬୭୮

OIPR-33001/33001/2/25-26/0004

**ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର**

CMYK

*ଯଦି ଆମେ ସେମାନଙ୍କୁ ରକ୍ଷା କରିପାରିବା ନାହିଁ, ତେବେ ମହିଳା ଅଧିକାରର କୌଣସି ଅର୍ଥ ନାହିଁ।*





# ଅନ୍ତର୍ଜାତୀୟ ମହିଳା ଦିବସ

ଅନ୍ତର୍ଜାତୀୟ ମହିଳା ଦିବସ ୨୦୨୬ ଏପରି ଏକ ସମୟରେ ଆସିଛି ଯେତେବେଳେ ନ୍ୟାୟ ବ୍ୟବସ୍ଥା ଚାପରେ ଅଛି। ସଂଘର୍ଷ, ଦମନ ଏବଂ ରାଜନୈତିକ ଉତ୍ତେଜନା ଆଇନର ଶାସନକୁ ଦୁର୍ବଳ କରୁଛି।

ମହିଳା ଏବଂ ଝିଅମାନଙ୍କର ପୁରୁଷଙ୍କ ଆଇନଗତ ଅଧିକାରର ମାତ୍ର ୬୪ ପ୍ରତିଶତ ଅଛି।

ମହିଳାମାନଙ୍କୁ ପ୍ରତ୍ୟାଖ୍ୟାନ କରାଯାଏ, ବିଶ୍ୱାସ କରାଯାଏ ନାହିଁ, ପୁନର୍ବାର ପୀଡିତ କରାଯାଏ କିମ୍ବା ଆଇନଗତ ସମର୍ଥନରୁ ବଞ୍ଚିତ କରାଯାଏ। ସମାନତା କେବେ ଆସିବ ନାହିଁ। ମହିଳା ଏବଂ ଝିଅମାନେ ପୂର୍ଣ୍ଣ ଆଇନଗତ ସୁରକ୍ଷା ବିନା ବଞ୍ଚୁଛନ୍ତି ଯେତେବେଳେ ନ୍ୟାୟ ବିଫଳ ହୁଏ, ମହିଳାମାନେ ମୂଲ୍ୟ ଦିଅନ୍ତି ନ୍ୟାୟ ଅନ୍ଧ ନୁହେଁ। ଏହା ଶକ୍ତିକୁ ସୁରକ୍ଷା ଦିଏ ଏବଂ ମହିଳା ଏବଂ ଝିଅମାନଙ୍କ ବିରୁଦ୍ଧରେ ଶାସନ ଜାରି ରଖେ।ଏକ ସର୍ବେକ୍ଷଣ ମୁତାବକ ଦେଶରେ, ମହିଳାମାନେ ପୁରୁଷଙ୍କ ତୁଳନାରେ ନ୍ୟାୟ ପାଇବାରେ ଅଧିକ ପ୍ରତିବନ୍ଧକର ସମ୍ମୁଖୀନ ହୁଅନ୍ତି। ଓକିଲଙ୍କୁ ଖର୍ଚ୍ଚ କରିପାରିବେ ନାହିଁ? ନ୍ୟାୟ ପ୍ରତ୍ୟାଖ୍ୟାନ କରାଯାଇଛି। ଆଇନଗତ ଫିସ୍, ପରିବହନ, ଶିଶୁ ଯତ୍ନ, ହରାଇଥିବା ମଜୁରୀ ଲକ୍ଷ ଲକ୍ଷ ମହିଳାଙ୍କୁ ନ୍ୟାୟ ବ୍ୟବସ୍ଥାରୁ ବାହାର କରିଦିଏ। ଅନ୍ୟାୟ ରିପୋର୍ଟ କରିବାକୁ ଚାହୁଁଛନ୍ତି କି? ଅଣଦେଖା, ଅବିଶ୍ୱାସ, କିମ୍ବା - ଆହୁରି ଖରାପ - ଦୋଷୀ ଏବଂ ନୀରବ ହେବାକୁ ପ୍ରସ୍ତୁତ ରୁହନ୍ତୁ।

ସକ୍ରିୟ ସଂଘର୍ଷ କ୍ଷେତ୍ରର ୫୦ କିଲୋମିଟର ମଧ୍ୟରେ ବାସ କରୁଥିବା ୬୭୬ ନିୟୁତ ମହିଳା ଏବଂ ଝିଅମାନଙ୍କ ପାଇଁ, ନ୍ୟାୟ ବ୍ୟବସ୍ଥା ପ୍ରାୟତଃ ଅନୁପସ୍ଥିତ ଏବଂ ଅପରାଧୀମାନେ ଦଣ୍ଡମୁକ୍ତ କାର୍ଯ୍ୟ କରନ୍ତି।

ମହିଳା ଏବଂ ଝିଅମାନଙ୍କ ପାଇଁ ନ୍ୟାୟର ଅର୍ଥ କ'ଣ?

ନ୍ୟାୟ ବିନା, ଅଧିକାର କେବଳ ଶବ୍ଦ। ନ୍ୟାୟ ସହିତ, ଅଧିକାର ଶକ୍ତି ହୋଇଯାଏ।

ହିଂସା, ଭେଦଭାବ ଏବଂ ଶୋଷଣରୁ ମହିଳା ଏବଂ ଝିଅମାନଙ୍କୁ ସୁରକ୍ଷା ଦେଉଥିବା ଆଇନ।

ସମସ୍ତ ମହିଳା ଏବଂ ଝିଅମାନଙ୍କୁ ବିଶ୍ୱାସ କରୁଥିବା ଏବଂ ଦଣ୍ଡମୁକ୍ତତାକୁ ସମାପ୍ତ କରୁଥିବା ଅଦାଳତ।

ମହିଳା ଏବଂ ଝିଅମାନେ ପ୍ରବେଶ ଏବଂ ସାମର୍ଥ୍ୟ କରିପାରିବା ଭଳି ଆଇନଗତ ସହାୟତା।

ଅଧିକାର ଉଲ୍ଲଂଘନ ହେଲେ ପୁନରୁଦ୍ଧାର ପାଇଁ ସମର୍ଥନ।

*ଏକ ସର୍ବେକ୍ଷଣ ଅନୁଯାୟୀ ଦେଶରେ, ମହିଳାମାନେ ପୁରୁଷଙ୍କ ତୁଳନାରେ ନ୍ୟାୟ ପାଇବାରେ ଅଧିକ ପ୍ରତିବନ୍ଧକର ସମ୍ମୁଖୀନ ହୁଅନ୍ତି। ମହିଳା ଏବଂ ଝିଅମାନେ ପୂର୍ଣ୍ଣ ଆଇନଗତ ସୁରକ୍ଷା ବିନା ବଞ୍ଚୁଛନ୍ତି।*





# କର୍ମଫଳ ଭୋଗିଲେ ମହାମୁନି

ଏଇ ଭାରତ ଖଣ୍ଡରେ କୁଶାମ୍ବି ନାମକ ଏକ ଦେଶ ଥିଲା। ସେହି ଦେଶର ରାଜାଙ୍କ ନାମ ତବଲା ରୁଦ୍ରଦେବ। ସେହି ରାଜା ନ୍ୟାୟବାନ, ଧର୍ମଶୀଳ ଓ ପ୍ରଜାପାଳକ ଥିଲେ। ଥରେ ରାଜନଗର ମଧ୍ୟରେ ଦଶଜଣ ଚୋର ପଶି ବହୁ ମୂଲ୍ୟବାନ ଧନ ରତ୍ନ ଚୋରି କରି ନେଇଗଲେ। ରାଜାଙ୍କ ନଗର ରକ୍ଷକ ସିପାହୀମାନେ ଜାଣିପାରି ସେହି ଚୋରମାନଙ୍କ ପିଛା କଲେ। ସେହି ସିପାହୀମାନେ ଗୋଡ଼ାଉଛନ୍ତି ଜାଣିପାରି ଚୋରମାନେ ପ୍ରାଣ ବିକଳରେ ଦୌଡ଼ିବାକୁ ଲାଗିଲେ। ସେହି କୁଶାମ୍ବି ନଗରୀର ଅନତି ଦୂରରେ ମାଣ୍ଡବ୍ୟ ନାମକ ଜଣେ ମହାମୁନି ଆଶ୍ରୟ କରି ରହିଥିଲେ। ଋଷି ମାଣ୍ଡବ୍ୟ ଅତି ତେଜସ୍ୱୀ, ଜିତେନ୍ଦ୍ରୀୟ ଓ ଧର୍ମ ପରାୟଣ ଅଟନ୍ତି। ସେ ସର୍ବଦା ଧର୍ମ କାର୍ଯ୍ୟରେ ମନୋନିବେଶ କରି ରହୁଥିଲେ। ତାଙ୍କ ଆଶ୍ରମ ମଧ୍ୟରେ ନନ୍ଦନକାନନ ଶ୍ୟାମସୁନ୍ଦରଙ୍କର ମୂର୍ତ୍ତି ଅତି ଯତ୍ନର ସହିତ ପୂଜିତ ହେଉଥିଲେ। ଆଶ୍ରମ ସମ୍ମୁଖ ଭାଗରେ ଏକ ବିରାଟ ବୃକ୍ଷ ଥିଲା। ତାର ଛାୟା ଅତି ସୁଶୀତଳ ଥିବା ଓ ନିକାଞ୍ଚନ ହୋଇଥିବା ଯୋଗୁଁ ଋଷି ମାଣ୍ଡବ୍ୟ ସେହି ସ୍ଥାନକୁ ନିଜର ତପସାଧନାର ସ୍ଥଳୀ ରୂପେ ବାଛି ନେଇଥିଲେ। ସେ ମହାମୁନି ଅଧିକାଂଶ ସମୟ ମୌନବ୍ରତ ଅବଲମ୍ବନ କରି ଉର୍ଦ୍ଧ୍ୱକୁ ବାହୁ ରଖି ସମାଧିସ୍ଥ ହେଉଥିଲେ। ସେ ସମାଧିସ୍ଥ ହେବା ସମୟରେ ବାହ୍ୟ ଜଗତ ସମ୍ବନ୍ଧରେ କିଛି ଜାଣି ପାରୁ ନଥିଲେ। ତାଙ୍କର ପାର୍ଥିବ ଶରୀର ବାହ୍ୟ ଜଗତରେ ଥିଲେ ମଧ୍ୟ ମନ ଓ ହୃଦୟ ବ୍ରହ୍ମରେ ରହୁଥିଲା। ସେହି ମାଣ୍ଡବ୍ୟ ମହାମୁନି ଏହିପରି ସମାଧିସ୍ଥ ଥିବା ସମୟରେ ସେହି ଚୋରମାନେ ପ୍ରାଣ ବିକଳରେ ଆସି ଆଶ୍ରମ ପାଖରେ ଉପସ୍ଥିତ ହେଲେ। ସିପାହୀମାନେ ନିକଟସ୍ଥ ଜାଣିପାରି ଆଶ୍ରମ ମଧ୍ୟରେ ଧନ-ରତ୍ନ ରଖି ଆଶ୍ରମ ଚଉପାଶରେ ଋଷି ମାଣ୍ଡବ୍ୟଙ୍କ ପରି ଚକ୍ଷୁ ବନ୍ଦ କରି ଉର୍ଦ୍ଧ୍ୱ ବାହୁ ହୋଇ ବସି ରହିଲେ। ରାଜାଙ୍କ ସିପାହୀମାନେ ଆସି ଋଷି ମାଣ୍ଡବ୍ୟଙ୍କ ତପସ୍ୟା ସ୍ଥାନରେ ଉପସ୍ଥିତ ହେଲେ। ସିପାହୀମାନେ ସହଜରେ ମହାମୂର୍ଖ। କେବଳ ସେମାନେ ନଗର ଜଗିବା କାମରେ ଅଭ୍ୟସ୍ତ। ବିଦ୍ୟାବୁଦ୍ଧିରେ ସେମାନଙ୍କର କିଛି ନଥାଏ।ଋଷିଙ୍କୁ ସେମାନେ ସମାଧିସ୍ଥ ବୋଲି ଜାଣିପାରିଲେ ନାହିଁ। ମନ ମଧ୍ୟରେ ଚିନ୍ତାକଲେ, ଏହି ଯେଉଁ ବୃଦ୍ଧ ଏଠାରେ ଉପରକୁ ବାହୁ ଟେକି ବସିଛନ୍ତି, ସେ ନିଶ୍ଚୟ ଚୋରମାନଙ୍କୁ ଦେଖିଥିବେ। ଏହିପରି ବିଚାର କରି ସେମାନେ ଋଷିଙ୍କୁ କହିଲେ ହେ ବୁଢ଼ା ବାବା, ଉଠ ଏହି ବାଟେ କେତେ ଜଣ ଲୋକ ଯିବା ଦେଖିଛ କି?ସେମାନେ ଚୋର ଆମ୍ଭେ ତାଙ୍କୁ ଧରିନେବୁ। ତୁମ୍ଭେ କହି ଦେଲେ ରାଜାଙ୍କୁ କହି ତୁମ୍ଭଙ୍କୁ ପୁରସ୍କାର ଦିଆଇବୁ। ଉଠି କୁହ।' ଋଷି ତ ଧ୍ୟାନସ୍ଥ ଥିଲେ, କିଛି ଜାଣିପାରିଲେ ନାହିଁ। ତେଣୁ ସିପାହୀମାନେ ନିଜ ନିଜ ମଧ୍ୟରେ ବିଚାର କରି ଋଷିଙ୍କୁ ଟଣାଓଟରା କଲେ। ସେଥିରେ ଋଷିଙ୍କର ଧ୍ୟାନ ଭଗ୍ନ ନ ହେବାରୁ କହିଲେ, ' ଏ ମୌନୀ ବାବାର ଘରକୁ ତଲାସ କରି ଦେଖ। ଏଠାରେ ଧନରତ୍ନ ମିଳି ଯାଇପାରେ। ତଲାସିରେ ସମସ୍ତ ଧନରତ୍ନ ଦେଖି ଋଷିଙ୍କ ପାଖରେ ସେହି ଚୋରଙ୍କ ସହ ଋଷିଙ୍କୁ ରାଜାଙ୍କ ନିକଟକୁ ନେଲେ।ରାଜା ବିଚାର କରି ତାଙ୍କୁ ଶୂଳି ଦଣ୍ଡର ଆଦେଶ ଦେଲେ। ଶୂଳିର ତୀକ୍ଷ୍ଣ ଧାର ଉପରେ ବସି ମଧ୍ୟ ମୁନିଙ୍କର ଧ୍ୟାନ ଭଗ୍ନ ହେଲା ନାହିଁ। ସେହିପରି ସ୍ଥିତ ମୌନ ହୋଇ ଦୁଇ ବାହୁ ଉର୍ଦ୍ଧ୍ୱକୁ ଟେକି ଶୂଳି ଉପରେ ରହି ବସିଥାନ୍ତି। ଅନ୍ୟ ଚୋରମାନେ ସଂଗେ ସଂଗେ ଶୂଳି ଖମ୍ବରେ ବସି ପ୍ରାଣ ତ୍ୟାଗକଲେ। ଶୂଳି ଖମ୍ବ ତାଙ୍କର ଏପଟ କିମ୍ବା ସେପଟ ଯାଉନାହିଁ। ସେହିପରି ସ୍ଥିର ଅଛନ୍ତି। ସେ ବ୍ୟକ୍ତିଙ୍କୁ କିଛି କଷ୍ଟ ହେଲା ପରି ମନେ ହେଉନାହିଁ। ଏହାଶୁଣି ରାଜା, ମନ୍ତ୍ରୀ ଓ ପୁରୋହିତ ଏକ ସାଙ୍ଗରେ ଶୂଳି ଦେଇଥିବା ସ୍ଥାନକୁ ଗମନ କଲେ। ପୁରୋହିତ ଶୂଳି ଖମ୍ବକୁ ଚାହିଁ ବିସ୍ମୟ ହୋଇ କହିଲେ ମହାରାଜ ଋଷି ମାଣ୍ଡବ୍ୟଙ୍କୁ ଶୂଳିର ତୀକ୍ଷ୍ଣ ଧାର ଉପରେ ବସାଇଛନ୍ତି। ହେ ମଣିମା ଏ ଘଟଣା ବହୁତ ଅମଙ୍ଗଳ । ରାଜା ଏକଥା ଜାଣିପାରି ଯେତିକି ଦୁଃଖିତ ହେଲେ ସେତିକି ଭୟଭୀତ ହେଲେ। ସଂଗେ ସଂଗେ ଶୂଳି ଖମ୍ବରୁ ଋଷିଙ୍କୁ ବାହାର କରାଗଲା । ଏହି ସମୟରେ ଋଷିଙ୍କ ଧ୍ୟାନମଗ୍ନ ହେଲା। ରାଜା ମାଣ୍ଡବ୍ୟ ଋଷିଙ୍କୁ କ୍ଷମା ମାଗିଲେ। ମହାମୁନି ମାଣ୍ଡବ୍ୟ କହିଲେ, ହେ ରାଜା, ତୁମ୍ଭର ମଙ୍ଗଳ ହେଉ।



# ଡାଇବେଟିସ୍‌ରୁ ଦୂରେଇ ରଖେ କଲରାପତ୍ର ରସ...

ପରିବର୍ତ୍ତିତ ଜୀବନଶୈଳୀ ତଥା ଖାଦ୍ୟପେୟରେ ଅନିୟମିତତା ଯୋଗୁ କେତେକଙ୍କଠାରେ ଡାଇବେଟିସ୍ ସମସ୍ୟା ଦେଖାଦେଇଥାଏ। ତେବେ କିଛି ଘରୋଇ ଚିକିତ୍ସା ଦ୍ୱାରା ଏଥିରୁ ସହଜରେ ମୁକ୍ତି ମିଳିପାରେ। ପ୍ରତିଦିନ ସକାଳେ କଲରା ପତ୍ର ରସ୍ ଦୁଇ ଚାମୁଚ ପିଇଲେ ଡାଇବେଟିସ୍ ଦୂର ହୁଏ ବୋଲି ଆୟୁର୍ବେଦରେ ଉଲ୍ଲେଖ ରହିଛି। ଏହା ରକ୍ତ ଶର୍କରାସ୍ତର ନିୟନ୍ତ୍ରିତ କରିବା ସହିତ କୋଲେଷ୍ଟରକୁ ସ୍ୱାଭାବିକ କରେ। ଫଳରେ ଉଚ୍ଚରକ୍ତଚାପ ସହିତ ହାର୍ଟ ଆଟାକ୍‌ରୁ ମଧ୍ୟ ମୁକ୍ତି ମିଳିଥାଏ। ସେହିପରି କଲରା ପତ୍ର ଭଜା ସପ୍ତାହରେ ୨-୩ଥର ଖାଇଲେ ମଧ୍ୟ ଅନେକ ଫାଇଦା ମିଳିଥାଏ ବୋଲି କୁହାଯାଏ।

# ||| ଅବସାଦ |||



ଅତ୍ୟଧିକ ମୋବାଇଲ ବ୍ୟବହାର ଯୋଗୁଁ ଏବେ ଲୋକଙ୍କଠାରେ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେଉଛି। ବିଶେଷକରି ଏହି ସମସ୍ୟା କିଶୋରକିଶୋରୀଙ୍କଠାରେ ଅଧିକ ଦେଖିବାକୁ ମିଳିଥାଏ। ସେଥିପାଇଁ ଯଥାସମ୍ଭବ ମୋବାଇଲ କମ୍ ବ୍ୟବହାର କରିବା ପାଇଁ ସେମାନଙ୍କୁ ପରାମର୍ଶ ଦିଆଯାଉଛି। ଗୋଟିଏ ପଟେ ଅଧିକ ଫୋନ ବ୍ୟବହାର ସ୍ୱାସ୍ଥ୍ୟ ସମସ୍ୟାର କାରଣ ପାଲଟୁଥିବା ବେଳେ ଅନ୍ୟପଟେ ଏହାର କମ୍ ବ୍ୟବହାର ମାନସିକ ସ୍ୱାସ୍ଥ୍ୟ ସମସ୍ୟାକୁ ହ୍ରାସ କରିବା ଦିଗରେ ଫଳପ୍ରଦ ବୋଲି କୁହାଯାଇଛି। ଦିନକୁ ଘଣ୍ଟାଏରୁ ଦୁଇ ଘଣ୍ଟା ଫୋନ୍ ବ୍ୟବହାର କରୁଥିବା କିଶୋରକିଶୋରୀଙ୍କଠାରେ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ଆଶଙ୍କା ହ୍ରାସ ପାଏ ବୋଲି ଏକ ନୂତନ ଅଧ୍ୟୟନରୁ ଜଣାପଡ଼ିଛି। କୋରିଆର ହନ୍‌ୟାଙ୍ଗ ବିଶ୍ୱବିଦ୍ୟାଳୟର ଗବେଷକମାନେ ୧୩ରୁ ୧୮ ବର୍ଷ ବୟସ୍କ ପିଲାଙ୍କ ଉପରେ ଗବେଷଣା କରି ଏହି ତଥ୍ୟ ସାମ୍ନାକୁ ଆଣିଛନ୍ତି। ତେବେ ଆଦୌ ଫୋନ୍ ବ୍ୟବହାର କରୁ ନଥିବା ପିଲାଙ୍କ ତୁଳନାରେ ଦିନକୁ ଦୁଇ ଘଣ୍ଟାରୁ କମ୍ ସମୟ ବ୍ୟବହାର କରୁଥି ବା କିଶୋରଙ୍କଠାରେ ଅବସାଦ, ନିଦ୍ରାହୀନତା, ଚିନ୍ତା, ଆତ୍ମହତ୍ୟା ପ୍ରବଣତା ଏବଂ ନିଶାଭ୍ୟାସ ପ୍ରବୃତ୍ତି ଆଶଙ୍କା କମ୍ ଥାଏ। ଅବଶ୍ୟ ଚାରି ଘଣ୍ଟାରୁ ଅଧିକ ସମୟ ମୋବାଇଲ ବ୍ୟବହାର କରିବା ଦ୍ୱାରା ଏହିସବୁ ମାନସିକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେବା ଆଶଙ୍କା ୨୨ ପ୍ରତିଶତକୁ ବୃଦ୍ଧି ପାଇଥାଏ। କିଶୋରକିଶୋରୀଙ୍କ ଫୋନ୍ ବ୍ୟବହାର ସେମାନଙ୍କୁ ଏକାକୀତ୍ୱଠାରୁ ଦୂରେଇ ରଖିବାରେ ସାହାଯ୍ୟ କରିଥାଏ ବୋଲି ଗବେଷକମାନେ କହିଛନ୍ତି। ତେବେ ଗବେଷକମାନେ ୨୦୧୭ ଏବଂ ୨୦୨୦ରେ କୋରିଆର ୫୦ ହଜାର କିଶୋରଙ୍କ ଡାଟାକୁ ବିଶ୍ଳେଷଣ କରି ଏଭଳି ଏକ ନିଷ୍କର୍ଷରେ ପହଞ୍ଚିଛନ୍ତି।



# ଶିବ ପୂଜାରେ ପରିବାରର ମହତ୍ତ୍ୱ

ଶିବ ପୂଜାର ଆଉ ଏକ ବିଶିଷ୍ଟ କଥା ହେଉଛି ଶିବ ପରିବାରର ମାହାତ୍ମ୍ୟ। ଶିବଙ୍କର ବାହନ ବୃଷଭ। ନାଗ ଶିବଙ୍କର ଅଙ୍ଗାଭରଣ। ଆଦି ଶକ୍ତି ମାତା ପାର୍ବତୀଙ୍କ ବାହନ ସିଂହ। କାର୍ତ୍ତିକେଶ୍ୱରଙ୍କର ବାହନ ମୟୂର ଓ ଗଣେଶଙ୍କ ବାହନ ମୂଷା। ଏ ସମସ୍ତେ ପରସ୍ପରର ଶତ୍ରୁ। ମାତ୍ର ଗୋଟିଏ ପରିବାରରେ ସେମାନଙ୍କର ସହାବସ୍ଥାନ ଏ ମଣିଷକୁ ଶିକ୍ଷା ଦିଏ ସମାଜରେ ତଥା ପରିବାରରେ ଏହିପରି ବିଭିନ୍ନ ପ୍ରକୃତିର ଲୋକ ଅଛନ୍ତି, ମାତ୍ର ଶିବ ପରିବାର ପରି ସମସ୍ତଙ୍କୁ ନେଇ ଶାନ୍ତିରେ ସହାବସ୍ଥାନ ଆମର କାମ୍ୟ।



# ଭଗବାନ ଶିବଙ୍କର ପ୍ରଥମ ଶିଷ୍ୟ

ପୁରାଣ ଅନୁଯାୟୀ ଭଗବାନ ଶିବଙ୍କ ପ୍ରଥମ ଶିଷ୍ୟ ସପ୍ତଋଷି ଥିଲେ। ବିଶ୍ୱାସ କରାଯାଏ ଯେ ସପ୍ତଋଷିମାନେ ଭଗବାନ ଶିବଙ୍କ ଜ୍ଞାନକୁ ପୃଥିବୀରେ ବିସ୍ତାର କରିଥିଲେ, ଯେଉଁ କାରଣରୁ ବିଭିନ୍ନ ଧର୍ମ ଓ ସଂସ୍କୃତି ସୃଷ୍ଟି ହୋଇଥିଲା। ବିଶ୍ୱାସ କରାଯାଏ ଯେ ଭଗବାନ ଶିବ ଗୁରୁ-ଶିଷ୍ୟର ପରମ୍ପରା ଆରମ୍ଭ କରିଥିଲେ। ଶିବଙ୍କ ଶିଷ୍ୟମାନଙ୍କ ମଧ୍ୟରେ ବୃହସ୍ପତି, ବିଶାଲାକ୍ଷ, ଶୁକ୍ର, ସହସ୍ରାକ୍ଷ, ମହେନ୍ଦ୍ର, ପ୍ରାଚେତସ ମନୁ, ଭରଦ୍ୱାଜ ରହିଥିଲେ।

# ଭଗବାନ ଶିବଙ୍କ ପତ୍ନୀ

ବିଶ୍ୱାସ କରାଯାଏ ଯେ ଭଗବାନ ଶିବଙ୍କର ଦୁଇ ଜଣ ପତ୍ନୀ ଥିଲେ, ପ୍ରଥମ ଦେବୀ ସତୀ ଏବଂ ଦ୍ୱିତୀୟ ମାତା ପାର୍ବତୀ। କିନ୍ତୁ ଯଦି ହିନ୍ଦୁ ପୁରାଣକୁ ବିଶ୍ୱାସ କରାଯାଏ, ତେବେ ଭଗବାନ ନୀଳକଣ୍ଠେଶ୍ୱର ଜଣେ କି ଦୁଇଜଣ ନୁହେଁ ବରଂ ଚାରିଜଣଙ୍କୁ ବିବାହ କରିଥିଲେ। ସେ ଏହିସବୁ ବିବାହ କେବଳ ଆଦିଶକ୍ତିଙ୍କ ସହିତ କରିଥିଲେ। ଭଗବାନ ଶିବଙ୍କର ପ୍ରଥମ ବିବାହ ମାତା ସତୀଙ୍କ ସହ ହୋଇଥିଲା ଯିଏ ପ୍ରଜାପତି ଦକ୍ଷଙ୍କ କନ୍ୟା ଥିଲେ। ମାତା ସତୀ ତାଙ୍କ ବାପାଙ୍କ ଦ୍ୱାରା ଭଗବାନ ଶିବଙ୍କ ଅପମାନ ସହି ନ ପାରି ନିଜ ଜୀବନକୁ ବଳିଦାନ ଦେଇଥିଲେ। ଏହା ପରେ ହିମାଳୟ କନ୍ୟା ପାର୍ବତୀ ଭାବରେ ଜନ୍ମିତ ଆଦିଶକ୍ତି ଦ୍ୱିତୀୟ ଥର ଭଗବାନ ଶିବଙ୍କୁ ବିବାହ କରିଥିଲେ। ଆମ ଶାସ୍ତ୍ରରେ ଦେବୀ ଉମାଙ୍କୁ ଭଗବାନ ଶିବଙ୍କ ତୃତୀୟ ପତ୍ନୀ ଭାବରେ ବର୍ଣ୍ଣନା କରାଯାଇଛି। ମାତା ମହାକାଳୀଙ୍କୁ ଭଗବାନ ଶିବଙ୍କ ଚତୁର୍ଥ ପତ୍ନୀ ବୋଲି ବର୍ଣ୍ଣନା କରାଯାଇଛି। ସେ ଏହି ପୃଥିବୀରେ ଥିବା ଭୟଙ୍କର ରାକ୍ଷସମାନଙ୍କୁ ବିନାଶ କରି ତିନିଲୋକକୁ ସୁରକ୍ଷା ଦେଇଥିଲେ।

CMYK

- Vol.- 45, Issue No. 334
- Sunday, 8 March 2026
- ରବିବାର, ୮ ମାର୍ଚ୍ଚ ୨୦୨୬
- Bhubaneswar
- Price: Rs. 2.00, Page: 3
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

ଦିନଲିପି
THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com

# ରାଷ୍ଟ୍ରପତିଙ୍କୁ ଅସମ୍ମାନ: ପ୍ରଧାନମନ୍ତ୍ରୀ କ୍ଷୁବ୍ଧ



କୋଲକାତା,୭।୩: ପଶ୍ଚିମବଙ୍ଗର ମମତା ବାନାର୍ଜୀଙ୍କ ସରକାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଅସମ୍ମାନ କରିଥିବା ଅଭିଯୋଗ ହୋଇଛି । ଖୋଦ ରାଷ୍ଟ୍ରପତି ମଧ୍ୟ ପଶ୍ଚିମବଙ୍ଗ ସରକାରଙ୍କ ବ୍ୟବହାରକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି । ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ ହେବାକୁ ଥିବା ସ୍ଥାନକୁ ପରିବର୍ତ୍ତନ କରି ଦେଇଥିଲେ ପଶ୍ଚିମବଙ୍ଗ ସରକାର । କିନ୍ତୁ ରାଷ୍ଟ୍ରପତି ନିଜେ ପୂର୍ବରୁ ସ୍ଥିରୀକୃତ ସ୍ଥାନକୁ ଯିବା ପରେ, ରାଜ୍ୟ ସରକାର ଏବଂ ପ୍ରଶାସନର କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନ କରିଛନ୍ତି । ସ୍ଥାନ କମ୍ ଥିବା କହି କାର୍ଯ୍ୟକ୍ରମକୁ ସ୍ଥାନାନ୍ତର କରିଥିବା ପ୍ରଶାସନକୁ ଆଇନା ଦେଖାଇଛନ୍ତି ରାଷ୍ଟ୍ରପତି। ଯେଉଁ ସ୍ଥାନରେ ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ ହେବାକୁ ଥିଲା, ସେଠାରେ ଅଧିକ ଲୋକଙ୍କ ପାଇଁ ଜାଗା କମ୍ ପଡ଼ିବ ବୋଲି କହି ଶେଷ ମୁହୂର୍ତ୍ତରେ ସ୍ଥାନ ପରିବର୍ତ୍ତନ କରାଯାଇଥିଲା । କିନ୍ତୁ ରାଷ୍ଟ୍ରପତି ନିଜେ ସେହି ସ୍ଥାନକୁ ଯାଇ ଦେଖିଥିଲେ ଯେ, ସେଭଳି କିଛି ଅସୁବିଧା ନାହିଁ। ସେଠାରେ ଲକ୍ଷାଧିକ ଲୋକ ଆରାମରେ ଏକାଠି ହୋଇପାରିବେ । ସେହି ସ୍ଥାନରୁ ହିଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଟିଏମସି ସରକାରଙ୍କ ଉପରେ ବର୍ଷିଛନ୍ତି । ପଶ୍ଚିମବଙ୍ଗରେ ଏକ କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି ଯେ, 'ହୁଏତ ମମତା ବାନାର୍ଜୀ ମୋ ଉପରେ ରାଗିଛନ୍ତି।' ରାଷ୍ଟ୍ରପତି ମୁର୍ମୁ ଅନ୍ତର୍ଜାତୀୟ ସାନ୍ତାଳ ସମ୍ମିଳନୀରେ ଯୋଗଦେବା ପାଇଁ ପଶ୍ଚିମବଙ୍ଗର ଦାର୍ଜିଲିଂରେ ପହଞ୍ଚିଥିଲେ। ରାଷ୍ଟ୍ରପତି ମୁର୍ମୁ ପ୍ରଥମେ ଗୋସାଇଁପୁରରେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ଏବଂ ତା'ପରେ ସିଲିଗୁଡ଼ି ଉପଖଣ୍ଡର ବିଧାନ ନଗରରେ ପହଞ୍ଚିଥିଲେ। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିଧାନ ନଗରରେ କହିଛନ୍ତି, 'ଆଜି ଅନ୍ତର୍ଜାତୀୟ ସାନ୍ତାଳ ପରିଷଦର ଏକ ସମ୍ମିଳନୀ ଥିଲା । ଯେତେବେଳେ ମୁଁ ଏଥିରେ (ଗୋସାଇଁପୁରରେ) ଯୋଗ ଦେବା ପରେ ଏଠାକୁ ଆସିଲି ମୋତେ ଲାଗିଲା ଯେ, ଏହି ସମ୍ମିଳନୀ ଏଠାରେ ଅନୁଷ୍ଠିତ ହୋଇଥିଲେ ଭଲ ହୋଇଥାନ୍ତା, କାରଣ ଏହି ଅଞ୍ଚଳ ବହୁତ ବଡ଼।' ରାଷ୍ଟ୍ରପତି ମୁର୍ମୁ କହିଛନ୍ତି, 'ହୁଏତ ପ୍ରଶାସନ ଭାବିଥିଲା ଯେ, କେହି ଆସିବେ ନାହିଁ ଏବଂ ରାଷ୍ଟ୍ରପତି ଫେରିଯିବେ। ଯଦି ରାଷ୍ଟ୍ରପତି କୌଣସି ସ୍ଥାନକୁ ଯାଆନ୍ତି, ତେବେ ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀମାନେ ମଧ୍ୟ ଆସିବା ଉଚିତ। କିନ୍ତୁ ସେ ଆସିଲେ ନାହିଁ। ମୁଁ ମଧ୍ୟ ବେଙ୍ଗଲର ଝିଅ। ମମତା ଦିଦି ମଧ୍ୟ ମୋର ଭଉଣୀ, ମୋର ସାନ ଭଉଣୀ। ମୁଁ ଜାଣିନାହିଁ, ହୁଏତ ସେ ମୋ ଉପରେ ରାଗିଛନ୍ତି।' ସେପଟେ ରାଷ୍ଟ୍ରପତିଙ୍କ ପ୍ରତି ପଶ୍ଚିମବଙ୍ଗ ସରକାର କରିଥିବା ଅସମ୍ମାନକୁ ନେଇ ରାଜନୀତି ଆରମ୍ଭ ହୋଇଯାଇଛି । ପ୍ରଧାନମନ୍ତ୍ରୀ ମୋଦି ମଧ୍ୟ ମମତା ବାନାର୍ଜୀଙ୍କ ଉପରେ ବର୍ଷିଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ ପୋଷ୍ଟରେ ଲେଖିଛନ୍ତି , 'ଏହା ଅତ୍ୟନ୍ତ ଲଜ୍ଜାଜନକ। ଗଣତନ୍ତ୍ର ଏବଂ ଆଦିବାସୀ ସମ୍ପ୍ରଦାୟର ଶକ୍ତିରେ ବିଶ୍ୱାସ କରୁଥିବା ସମସ୍ତ ଲୋକ ଗଭୀର ଆଘାତ ପାଇଛନ୍ତି। ରାଷ୍ଟ୍ରପତି ନିଜେ ଆଦିବାସୀ ସମ୍ପ୍ରଦାୟରୁ ଆସିଛନ୍ତି । ତାଙ୍କର ଯନ୍ତ୍ରଣା ଏବଂ ଚିନ୍ତା ସମସ୍ତ ଭାରତୀୟଙ୍କ ହୃଦୟକୁ ଗଭୀର ଦୁଃଖରେ ଭରି ଦେଇଛି। ପଶ୍ଚିମ ବଙ୍ଗର ତୃଣମୂଳ କଂଗ୍ରେସ ସରକାର ସମସ୍ତ ସୀମା ଅତିକ୍ରମ କରିଛି। ସେମାନଙ୍କ ପ୍ରଶାସନ ରାଷ୍ଟ୍ରପତିଙ୍କୁ ଅପମାନିତ କରିଛି।' ଅନ୍ୟପକ୍ଷରେ ମମତା ବାନାର୍ଜୀ କହିଛନ୍ତି , 'ଯେତେବେଳେ ଆଦିବାସୀଙ୍କ ଉପରେ ଅତ୍ୟାଚାର କରାଯାଏ, ଆପଣ କାହିଁକି ପ୍ରତିବାଦ କରନ୍ତି ନାହିଁ ? ଯେତେବେଳେ ଏହା ମଧ୍ୟପ୍ରଦେଶ କିମ୍ବା ଛତିଶଗଡ଼ରେ ହୁଏ, ଆପଣ କାହିଁକି ସ୍ୱର ଉଠାଇବେ ନାହିଁ? ପ୍ରଥମେ ସେମାନଙ୍କ ପାଇଁ କିଛି କରନ୍ତୁ, ତା'ପରେ କିଛି କୁହନ୍ତୁ। ନିର୍ବାଚନ ସମୟରେ ବିଜେପିର ପରାମର୍ଶରେ ରାଜନୀତି କରନ୍ତୁ ନାହିଁ।'

### ଓଡ଼ିଶା ହାଇକୋର୍ଟଙ୍କ ବଡ଼ ରାୟ

## ନାବାଳିକାକୁ ପୋଷାକ ଉପରୁ ସ୍ପର୍ଶ ମଧ୍ୟ ଯୌନ ନିର୍ଯାତନା

କଟକ,୭।୩(ନିପ୍ର): ପୋକ୍ସୋ ଆଇନରେ ଓଡ଼ିଶା ହାଇକୋର୍ଟଙ୍କ ବଡ଼ ରାୟ । ନାବାଳିକାକୁ ପୋଷାକ ଉପରୁ ସ୍ପର୍ଶ କରିବା ମଧ୍ୟ ଯୌନ ନିର୍ଯାତନା। ଏକ ଗୁରୁତ୍ୱପୂର୍ଣ୍ଣ ଶୁଣାଣି କରି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ଜଣେ ନାବାଳିକାଙ୍କ ବକ୍ଷଜକୁ ସ୍ପର୍ଶ କରିବା ପୋସ୍କୋ ଆଇନ ଅନୁଯାୟୀ ଗମ୍ଭୀର ଅପରାଧ ବା ଯୌନ ନିର୍ଯ୍ୟାତନା। ଅଭିଯୁକ୍ତ ଏବଂ ପୀଡ଼ିତାଙ୍କ ମଧ୍ୟରେ ସିଧାସଳଖ ଶରୀର ସ୍ପର୍ଶ ହୋଇନଥିଲେ ମଧ୍ୟ ଏହା ଅପରାଧ ଶ୍ରେଣୀଭୁକ୍ତ ହେବ । ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀ ମାମଲାର ଶୁଣାଣି କରି କହିଛନ୍ତି ଯେ, ଯୌନ ଅଭିସନ୍ଧି ରଖି ଶରୀରର କୌଣସି ଅଂଗକୁ ସ୍ପର୍ଶ କରିବା ହିଁ ଯୌନ



ନିର୍ଯ୍ୟାତନା ପାଇଁ ଯଥେଷ୍ଟ । ପୋଷାକ ଉପରୁ ସ୍ପର୍ଶ କଲେ ଏହା ଅପରାଧ ନୁହେଁ ବୋଲି ଯେଉଁ ଯୁକ୍ତି କରାଯାଉଥିଲା, ତାହାକୁ କୋର୍ଟ ଖାରଜ କରିଦେଇଛନ୍ତି । ହାଇକୋର୍ଟ କହିଛନ୍ତି ଯେ, ଏହି ବିଷୟରେ ପୂର୍ବରୁ ସୁପ୍ରିମକୋର୍ଟ ମଧ୍ୟ ସ୍ପଷ୍ଟ କରିସାରିଛନ୍ତି । ବମ୍ବେ ହାଇକୋର୍ଟଙ୍କ ଏକ ପୁରୁଣା ନିଷ୍ପତ୍ତିକୁ ସୁପ୍ରିମକୋର୍ଟ ପୂର୍ବରୁ ବଦଳାଇ ସାରିଛନ୍ତି । ଏହି ପୁରୁଣା ଧାରଣା ଶିଶୁ ସୁରକ୍ଷା ଆଇନର ବିରୁଦ୍ଧ ଅଟେ । କୋର୍ଟ ଏହି ମାମଲାରେ ଅଭିଯୁକ୍ତର ଦୋଷକୁ କାୟମ ରଖିଛନ୍ତି । ପୋକ୍ସୋ ଆଇନର ଧାରା ୮ ଅନୁଯାୟୀ ଏହି ଅପରାଧ ପାଇଁ ଅତି କର୍ମରେ ୩ରୁ ୫ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ଏବଂ ଜରିମାନାର ବ୍ୟବସ୍ଥା ରହିଛି । ଏହି ନିଷ୍ପତ୍ତି ଦ୍ୱାରା ଶିଶୁମାନଙ୍କ ସୁରକ୍ଷା ବ୍ୟବସ୍ଥା ଆହୁରି ମଜବୁତ ହୋଇଛି । କେବଳ ବୈଷୟିକ କାରଣ ଦେଖାଇ ଅପରାଧୀମାନେ ଆଉ ଖସି ପାରିବେ ନାହିଁ।

## ଗ୍ରାହକଙ୍କୁ ବଡ଼ ଝଟକା: ବଢ଼ିଲା ଏଲପିଜି ସିଲିଣ୍ଡର ଦର



ନୂଆଦିଲ୍ଲୀ,୭ ।୩: ମଧ୍ୟପ୍ରାଚ୍ୟରେ ଇରାନ ଏବଂ ଇସ୍ରାଏଲ ମଧ୍ୟରେ ଚାଲିଥିବା ଯୁଦ୍ଧର ପ୍ରଭାବ ସାରା ଦେଶରେ ପଡୁଛି। ଇରାନ ହେର୍ମୁଜ ପ୍ରଣାଳୀକୁ ବନ୍ଦ କରିଦେଇଛି, ଯାହା ଫଳରେ ଆମଦାନୀ ହୋଇଥିବା ତରଳ ପଦାର୍ଥର ମୂଲ୍ୟ ବୃଦ୍ଧି ପାଇଛି। ଏହି ସମୟରେ, ଭାରତରେ ଏଲପିଜି ସିଲିଣ୍ଡରର ମୂଲ୍ୟ ମଧ୍ୟ ବୃଦ୍ଧି ପାଇଛି। ଅନେକ ଭାରତୀୟ ରାଜ୍ୟରେ ଏଲପିଜି ସିଲିଣ୍ଡର ମହଙ୍ଗା ହୋଇଯାଇଛି। ୧୪.୨ କିଲୋଗ୍ରାମ ଘରୋଇ ଏଲପିଜି ସିଲିଣ୍ଡରର ମୂଲ୍ୟ ୬୦ ଟଙ୍କା ବୃଦ୍ଧି ପାଇଛି। ଦିଲ୍ଲୀରେ, ୧୪.୨ କିଲୋଗ୍ରାମ ଘରୋଇ ଏଲପିଜି ସିଲିଣ୍ଡରର ମୂଲ୍ୟ ୮୫୩ ରୁ ୯୧୩ ବୃଦ୍ଧି ପାଇଛି। ସୂତ୍ର ଅନୁସାରେ, ନୂତନ ଦର ୭ ମାର୍ଚ୍ଚରୁ ଅର୍ଥାତ୍ ଆଜିଠାରୁ କାର୍ଯ୍ୟକାରୀ ହେବ। ଦିଲ୍ଲୀରେ ୧୯ କିଲୋଗ୍ରାମ ବାଣିଜ୍ୟିକ ଏଲପିଜି ସିଲିଣ୍ଡରର ମୂଲ୍ୟ ମଧ୍ୟ ୧୧୫ ବୃଦ୍ଧି କରାଯାଇଛି, ଯାହା ଆଜି ୭ ମାର୍ଚ୍ଚରୁ କାର୍ଯ୍ୟକାରୀ ହେବ। ଦିଲ୍ଲୀରେ ୧୯ କିଲୋଗ୍ରାମ ବାଣିଜ୍ୟିକ ଏଲପିଜି ସିଲିଣ୍ଡରର ମୂଲ୍ୟ ବର୍ତ୍ତମାନ ୧୮୮୩ରେ ପହଞ୍ଚିଛି। ସେହିପରି ମୁମ୍ବାଇରେ ବାଣିଜ୍ୟିକ ଏଲପିଜି ସିଲିଣ୍ଡରର ମୂଲ୍ୟ ୧୮୩୫ ହୋଇଛି। ସିଲିଣ୍ଡରର ମୂଲ୍ୟ ବୃଦ୍ଧି ଯୋଗୁ ବ୍ୟାପକ ଆତଙ୍କ ସୃଷ୍ଟି ହୋଇଛି। ଯୋଗାଣରେ ଏହି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଜନସାଧାରଣଙ୍କ ପକେଟ ଉପରେ ସିଧାସଳଖ ପ୍ରଭାବ ପକାଉଛି।

## ରାଜ୍ୟରେ ତେଲ ନିଅଣ୍ଟ ହେବ ନାହିଁ: ମନ୍ତ୍ରୀ

ଭୁବନେଶ୍ୱର,୭।୩: ରାଜ୍ୟରେ ମହଜୁଦ୍ ଅଛି ଡିଜେଲ ଓ ପେଟ୍ରୋଲ । ଯୁଦ୍ଧ ପାଇଁ ବିଭ୍ରାନ୍ତି କର ତଥ୍ୟ ସାମ୍ନାକୁ ଆସୁଛି । ରାଜ୍ୟରେ ଭରପୂର ମାତ୍ରାରେ ତେଲ ମହଜୁତ ଅଛି ବୋଲି କହିଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । ସେ ଆହୁରି ମଧ୍ୟ କହିଛନ୍ତି ଯେ, ରାଜ୍ୟରେ ତେଲ ନିଅଣ୍ଟ ହେବ ନାହିଁ । ରୁଷିଆଠାରୁ ତେଲ ଆସୁଛି। ରାଜ୍ୟବାସୀ ସରକାରୀ ତଥ୍ୟ ଉପରେ ଭରସା କରନ୍ତୁ । କେବେ ବି ତେଲକୁ ନେଇ ଅସୁବିଧା ହେବ ନାହିଁ। କଳାବଜାରୀ ଉପରେ ନଜର ରଖିଛନ୍ତି ରାଜ୍ୟ ସରକାର। ଆବଶ୍ୟକ ପଡିଲେ ନିଆଯିବ କାର୍ଯ୍ୟାନୁଷ୍ଠାନ । ଯୁଦ୍ଧର ପ୍ରଭାବ ଭାରତରେ ପଡିବ ନାହିଁ। ଖାଇବା ପିଇବା ଜିନିଷ ମହଜୁଦ ଅଛି। ବର୍ତ୍ତମାନ ସମୟରେ ଖର୍ଚ୍ଚ ବଢିବ ଏବଂ କମିବ କିନ୍ତୁ ମହଜୁଦ ଅଛି । ରେଟ ସାମୂହିକ ଭାବରେ ବଢିଛି।

## ସାତ୍ତ୍ୱିକ ସତ୍ୟକାମଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୭।୩: ସର୍ବ ଭାରତୀୟ ସିଭିଲ ସର୍ଭିସ୍ ପରୀକ୍ଷାରେ ଅଲ୍ ଇଣ୍ଡିଆ ର୍ୟାଙ୍କରେ ୧୦୦ତମ ସ୍ଥାନ ହାସଲ କରିଥିବା କେନ୍ଦୁଝର ଜିଲା ହାଟଡିହି ବ୍ଲକର ମେଧାବୀ ଛାତ୍ର ସାତ୍ତ୍ୱିକ ସତ୍ୟକାମ ଦେବତା ନିଜ ମାତାପିତା ସହ ଶନିବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରିଛନ୍ତି । ଏହି ଅବସରରେ ମୁଖ୍ୟମନ୍ତ୍ରୀ ସାତ୍ତ୍ୱିକଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇଥିଲେ। ସେ କହିଥିଲେ ଯେ, ଏଭଳି ସଫଳତା ରାଜ୍ୟ, ବିଶେଷକରି କେନ୍ଦୁଝର ଜିଲାର ଅନ୍ୟ ଯୁବପିଢ଼ିଙ୍କ ପାଇଁ ପ୍ରେରଣା ହେବ। ମୁଖ୍ୟମନ୍ତ୍ରୀ ସାତ୍ତ୍ୱିକଙ୍କୁ ଶୁଭେଚ୍ଛା ଜଣାଇ କହିଥିଲେ ଲୋକଙ୍କ ସେବା କରିବା ହିଁ ପ୍ରଶାସନିକ ସେବାର ମୂଳଲକ୍ଷ୍ୟ। ଦେଶ ଓ ସମାଜର ଉନ୍ନତି ପାଇଁ ନିଷ୍ଠାର ସହିତ କାମ କରିବାକୁ ମୁଖ୍ୟମନ୍ତ୍ରୀ ସାତ୍ତ୍ୱିକଙ୍କୁ ପରାମର୍ଶ ଦେଇଥିଲେ।

## କୋଲାବ ଜଳଭଣ୍ଡାରରେ ବୁଡ଼ି ୩ ଛାତ୍ର ମୃତ

କୋରାପୁଟ,୭।୩: କୋରାପୁଟ ଜିଲ୍ଲାର କୋଲବ ଜଳଭଣ୍ଡାରରେ ବୁଡି ୩ ଜଣ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ଅନୁଯାୟୀ ଆଜି କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସଇ) ଦଶମ ବୋର୍ଡ ପରୀକ୍ଷା ସରିଥିଲା। ନବୋଦୟ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରଛାତ୍ରୀମାନେ ମାଛରା ପରୀକ୍ଷା କେନ୍ଦ୍ରରେ ପରୀକ୍ଷା ଦେଇ ନିଜ ସ୍କୁଲକୁ ଫେରିଥିଲେ। ବସ୍‌ରେ ଫେରିବା ସମୟରେ ହିଁ ପିଲାମାନେ ଖୁସିରେ ହୋଲି ଖେଳିଥିଲେ। ନବଦୋୟ ବିଦ୍ୟାଳୟ ପଛ ପଟେ ଥିବା କୋଲାବ ଜଳଭଣ୍ଡାରେକୁ ଗାଧୋଇବା ପାଇଁ ଯାଇ ୩ ଛାତ୍ର ପାଣିରେ ବୁଡି ପ୍ରାଣ ହରାଇଥିଲେ। ମୃତକମାନେ ହେଲେ ଲିଙ୍ଗରାଜ ଖିଲୋ, ଓମ ପ୍ରକାଶ ବେହେରା ଓ ସ୍ୱସ୍ଥିତ ସୁନ୍ଦର ହାଲଓ୍ୱା। ଲିଙ୍ଗରାଜ ଖିଲୋ ଓ ସ୍ୱସ୍ଥିତ ସୁନ୍ଦର ହାଲଓ୍ୱା କୋରାପୁଟ ଅଞ୍ଚଳର ହୋଇଥିବା ବେଳେ ଓମ ପ୍ରକାଶ ବେହେରା ଲକ୍ଷ୍ମୀପୁର ଅଞ୍ଚଳର ବୋଲି ଜଣାପଡିଛି। ପିଲାମାନେ ପରୀକ୍ଷା କେନ୍ଦ୍ରକୁ



ଫେରିବା ପରେ ନୀଳଗିରି ହାଉସର ୮ଟି ପିଲା କୋଲାବ ଜଳଭଣ୍ଡାରକୁ ଗାଧୋଇବା ପାଇଁ ଯାଇଥିଲେ। ସେଥି ମଧ୍ୟରୁ ଏହି ୩ ଜଣ ଛାତ୍ର ପାଣିରେ ବୁଡିଯାଇଥିଲେ। ଖବରପାଇ ସ୍କୁଲର କର୍ମଚାରୀମାନେ ପିଲାମାନଙ୍କୁ ପାଣିରୁ ଉଦ୍ଧାର କରି କୋରାପୁଟ ଏସଏଲଏନ ମେଡିକାଲ କଲେଜରେ ଭର୍ତ୍ତି କରିଥିଲେ। ତେବେ ଡାକ୍ତର ସମସ୍ତ ୩ ଜଣ ଛାତ୍ରଙ୍କୁ ମୃତ ଘୋଷଣା କରିଥିଲେ। ତେବେ ପିଲାଙ୍କ ପରୀକ୍ଷା ସରିବା ପରେ ପିଲାଙ୍କୁ ନେବା ପାଇଁ ଅଭିଭାବକମାନଙ୍କୁ କୁହାଯାଇଥିଲା ବୋଲି ଗଣମାଧ୍ୟମକୁ ଅଧ୍ୟକ୍ଷା କହିଛନ୍ତି। କାରଣ ଅଭିଭାବକମାନେ ସେମାନଙ୍କ ଛୁଆଙ୍କୁ ସ୍କୁଲ ଭରସାରେ ଛାଡ଼ି ନିଶ୍ଚିନ୍ତରେ ରହୁଥିବା ବେଳେ ଏଭଳି ଦୁର୍ଘଟଣାକୁ ଅଭିଭାବକମାନେ ସହଜରେ ଗ୍ରହଣ କରିପାରୁ ନାହାନ୍ତି।

### ପୋଖରୀରେ ବୁଡ଼ି ୨ ନାବାଳିକା ମୃତ

ବାରିପଦା,୭।୩: ପୋଖରୀରେ ବୁଡି ଦୁଇ ନାବାଳିକା ସାଙ୍ଗଙ୍କ ସଲିଳ ସମାଧି। ଏଭଳି ହୃଦୟ ବିଦାରକ ଘଟଣା ଦେଖିବାକୁ ମିଳିଛି କପ୍ତିପଦା ଥାନା ବଡ଼ଖଲାଡି ନଛିପୁର ଗାଁରେ। ଦାଣ୍ଡଘାଟ ଦେହୁରୀ ସାହି ବିଦ୍ୟାଳୟରେ ପାଠ ପଢୁଥିବା ଦୁଇ ସାଙ୍ଗ ୭ ବର୍ଷର ଶୁଭସନ୍ଧ୍ୟା ନାୟକ ଏବଂ ୮ ବର୍ଷର ରାଜଲକ୍ଷ୍ମୀ ଶଙ୍ଖୁଆଳ ବିଦ୍ୟାଳୟରୁ ଫେରି ଗାଧୋଇବା ନିମନ୍ତେ ଘର ନିକଟ ପୋଖରୀକୁ ଯାଇଥିଲେ। ଅସାବଧାନତାବଶତଃ ଉଭୟ ପାଣିରେ ବୁଡି ଯାଇଥିଲେ। ତୁରନ୍ତ ପରିବାର ଲୋକେ ଉଭୟଙ୍କୁ ଉଦ୍ଧାର କରି କପ୍ତିପଦା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏକାସଙ୍ଗେ ଦୁଇ ନାବାଳିକା ପୋଖରୀରେ ବୁଡି ମୃତ୍ୟୁ ହେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

## ସାତ ବର୍ଷ ଶିଶୁକୁ ଅପହରଣ ପରେ ଗଳାକାଟି ହତ୍ୟା

ରାୟଗଡା,୭।୩: ରାୟଗଡା ଜିଲ୍ଲା ବିଷମକଟକ ବ୍ଲକର ଚାଟିକଣା ଅଞ୍ଚଳର ଗୋଟିଏ ୫ ବର୍ଷ ଶିଶୁକୁ ଅପହରଣ ପରେ ଗଳାକାଟି ହତ୍ୟା କରାଯାଇଥିବା ଭଳି ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। ସୂଚନାରୁ ଜଣାପଡିଛି ଚାଟିକଣା ସ୍ଥିତ ପୁରୁଣା ଷ୍ଟେସନ ସାହିର ପୁରୁଷୋତ୍ତମ ଗନ୍ତାୟତଙ୍କ ୫ ବର୍ଷ ପୁଅ ଋଷି ଗନ୍ତାୟତକୁ କେହି ଜଣେ ଅପହରଣ କରିଥିଲା। ଏନେଇ ପୁରୁଷୋତ୍ତମ ଗନ୍ତାୟତଙ୍କ ସଂପର୍କୀୟଙ୍କୁ ଅଜଣା ନମ୍ବରରୁ ମେସେଜ ଆସିଥିଲା ଯେ ଟଙ୍କା ଦେଲେ ଋଷିକୁ ପାଇବ। ଏନେଇ ପୁଲିସକୁ କିମ୍ବା କାହାକୁ ଜଣାଇଲେ ସ୍ଥିତି ଖରାପ ହେବ। ପରିବାରବର୍ଗ ଓ ସମ୍ପର୍କୀୟ ଆଜି ଦିନ ସାରା ଖୋଜାଖୋଜି କରୁଥିଲେ ହେଁ ବିଳମ୍ବିତ ରାତ୍ରିରେ ଋଷିକୁ ହତ୍ୟାକରି ଗୋଟିଏ ବସ୍ତାରେ ବନ୍ଧା ହୋଇ ମୃତଦେହକୁ ଘର ପଛରେ ଫିଙ୍ଗା ହୋଇଥିବା ପାଇଥିଲେ। ପୁଲିସକୁ ଏ ନେଇ ସୂଚନା ଦେଲା ପରେ ଘଟଣା ସ୍ଥଳକୁ ବିଷମକଟକ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ବିଷମକଟକ ଆଇଆଇସି ସମର୍ପିତା ସ୍ୱାଇଁ ବିଶେଷ ତଥ୍ୟ ମିଳିପାରି ନାହିଁ, ସକାଳୁ ସାଇଣ୍ଟିଫିକ ଟିମ୍ ଆସିଲା ପରେ ତଦନ୍ତ ଜାରି ରହିବ ବୋଲି ପ୍ରକାଶ କରିଛନ୍ତି। ହତ୍ୟା ଘଟଣାରେ ଜଣେ ଅଭିଯୁକ୍ତ ସମ୍ପର୍କୀୟକୁ ପୁଲିସ ଅଟକ ରଖିଥିବା ଜଣାପଡିଛି।

## ମେ'ରୁ ରବି ଧାନ କିଣିବେ ସରକାର

### ଇନପୁଟ୍ ସହାୟତା କ୍ୱିଣ୍ଟାଲ ପ୍ରତି ୭୩୧ ଟଙ୍କା

ଭୁବନେଶ୍ୱର,୭।୩(ନିପ୍ର): ରାଜ୍ୟରେ ଧାନ (ରବି ଫସଲ) କ୍ରୟ ମେ ମାସ ୧ ତାରିଖରୁ ଆରମ୍ଭ ହେବ ଏବଂ ଜୁନ ମାସ ୩୦ରେ ଶେଷ ହେବ। ରାଜ୍ୟ ସରକାରଙ୍କ ଏକ ସଂସ୍ଥା, ଓଡ଼ିଶା ରାଜ୍ୟ ନାଗରିକ ଯୋଗାଣ ନିଗମ ଲିମିଟେଡ୍, ପ୍ୟାକ୍ସ/ଲ୍ୟାମ୍ପସ/ପାଣି ପଞ୍ଚାୟତ ଇତ୍ୟାଦି ମାଧ୍ୟମରେ ଚାଷୀଙ୍କ ଅତିରିକ୍ତ ଧାନ କ୍ରୟ କରିବ, ଧାନର ସର୍ବନିମ୍ନ ସହାୟକ ମୂଲ୍ୟପ୍ରତି କ୍ୱିଣ୍ଟାଲ ୨୩୬୯ ଟଙ୍କା ପ୍ରଦାନ କରିବ। ଏମଏସପି ବ୍ୟତୀତ, କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗର 'କୃଷକ ସମୃଦ୍ଧି ଯୋଜନା' ଅଧୀନରେ ଇନପୁଟ୍ ସହାୟତା କ୍ୱିଣ୍ଟାଲପ୍ରତି ୭୩୧ ଟଙ୍କା ପ୍ରଦାନ କରାଯିବ। ପୂର୍ବବର୍ଷ ପରି, ଏହି ବର୍ଷ ମଧ୍ୟ କେବଳ ୨୦ଟି ଜିଲ୍ଲାରେ କ୍ରୟ କାର୍ଯ୍ୟ କରାଯିବ। ସରକାରଙ୍କୁ ବଳକା ଧାନ ଯୋଗାଇବାକୁ ଇଚ୍ଛୁକ ପ୍ରତ୍ୟେକ ଚାଷୀଙ୍କୁ ନିକଟସ୍ଥ ଅଧିକୃତ ପ୍ୟାକ୍ସ/ଲ୍ୟାମ୍ପସ/ପାଣି ପଞ୍ଚାୟତ ଇତ୍ୟାଦି (ସଂକ୍ଷେପରେ ସୋସାଇଟି) ରେ ବାଧ୍ୟତାମୂଳକଭାବରେ ନିଜର ନାମ ପଞ୍ଜୀକୃତ କରିବାକୁ ପଡିବ। ପ୍ୟାକ୍ସଚାଷୀମାନଙ୍କ ଦ୍ୱାରା ସେମାନଙ୍କର ବ୍ୟକ୍ତିଗତ/ଜମି/ବ୍ୟାଙ୍କ ବିବରଣୀସମ୍ପର୍କରେ ଦାଖଲ କରାଯାଇଥିବା ସୂଚନାକୁ ବାସ୍ତବ ସମୟରେ ଡିଜିଟାଇଜେସନ୍ କରିବ ଏବଂ ୱେବ୍-ଆଧାରିତକୃଷକ ପଞ୍ଜୀକରଣ ସଫ୍ଟୱେର୍ ଆପ୍ଲିକେସନ୍ ମାଧ୍ୟମରେ ବିଭାଗର ୱେବସାଇଟ୍‌ରେ ଏହି ତଥ୍ୟ ଅପଲୋଡ୍‌କରିବ। ଫଳସ୍ୱରୂପ, କ୍ରୟ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ସୋସାଇଟିଗୁଡ଼ିକ ସେମାନଙ୍କର ବିକ୍ରୟଯୋଗ୍ୟ ବଳକା ଧାନ ସହିତ ଚାଷୀଙ୍କ ତାଲିକା ସହିତ ପ୍ରସ୍ତୁତ। ପଞ୍ଜୀକରଣ ସମୟରେ, ଚାଷୀମାନେ ଆଧାର-ଆଧାରିତ ଇ-କେୱାଇସି ପ୍ରମାଣୀକରଣ ଏବଂ ଆଇଆରଆଇଏସ ପ୍ରମାଣୀକରଣ ମାଧ୍ୟମରେ ଆଧାର-ସକ୍ଷମ ଦେୟ ପାଇଁ ସେମାନଙ୍କର ସମ୍ମତି ପ୍ରଦାନ କରିବେ। ପ୍ରତ୍ୟେକ ଚାଷୀଙ୍କ ଆଧାର ନମ୍ବର ଏବଂ ୟୁଆଇଡିଏଆଇ ପାଖରେ ଉପଲବ୍ଧ ବାୟୋମେଟ୍ରିକ୍ ସୂଚନା ସହିତ ଯାଞ୍ଚ କରାଯିବ।

## ଆଜି ଆସିବ ସୁଭଦ୍ରା ଟଙ୍କା




ଭୁବନେଶ୍ୱର,୭।୩ : ରବିବାର ମିଳିବ ସୁଭଦ୍ରା ଟଙ୍କା । ଏକ କୋଟି ୧୨ ଲକ୍ଷ ୫୭ ହଜାର ୬୬୭ ଜଣ ଆବେଦନ କରିଥିଲେ । ସେମାନଙ୍କ ମଧ୍ୟରୁ ଏକ କୋଟି ୨ ଲକ୍ଷ ୧୨ ହଜାର ୬୬୫ ଜଣ ହିତାଧିକାରୀ ପାଇବେ ସୁଭଦ୍ରା ଟଙ୍କା ବୋଲି ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା । ସେ ଆହୁରି ମଧ୍ୟ କହିଛନ୍ତି ଯେ, ଆସନ୍ତାକାଲି ୫ ହଜାର କୋଟିରୁ ଅଧିକ ଟଙ୍କା ସିଧା ସୁଭଦ୍ରା ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଯିବ । ପୁରୀର ତାଳବଣିଆଠାରେ ଆୟୋଜନ ହେବ ବିଶାଳ କାର୍ଯ୍ୟକ୍ରମ । ମୁଖ୍ୟମନ୍ତ୍ରୀଙ୍କ ଉପସ୍ଥିତରେ ସମସ୍ତ ହିତାଧିକାରୀଙ୍କୁ ମିଳିବ ସୁଭଦ୍ରା ଟଙ୍କା । ୨ ଲକ୍ଷ ୧୩ ହଜାର ୧୯୮ ଜଣ ନୂଆ ହିତାଧିକାରୀ ପାଇବେ ସୁଭଦ୍ରା ଟଙ୍କା । ଗ୍ରିଭାନ୍ସ ପୋର୍ଟାଲରେ ଆସିଥିବା ଅଭିଯୋଗରୁ ୩୬ ହଜାର ୩୮୫ ଜଣ ସୁଭଦ୍ରା ଟଙ୍କା ପାଇବେ । ଏପ୍ରିଲ ମାସରେ ଯାହାକୁ ୨୧ ବର୍ଷ ହୋଇଥିବ, ସେମାନେ ଆବେଦନ କରିପାରିବେ । ଯେଉଁମାନେ ୨୧ ବର୍ଷ ସେମାନଙ୍କ ପାଇଁ ଏହା ଦ୍ୱିତୀୟ କିସ୍ତି ।

### ଆମେରିକା ଆଗରେ ଆତ୍ମସମର୍ପଣ କଥାକୁ ଖଣ୍ଡନ

# କ୍ଷମା ମାଗିଲେ ଇରାନ ରାଷ୍ଟ୍ରପତି

ତେହେରାନ,୭।୩: ଇରାନ ଉପରେ ଗତ ଶନିବାରଠାରୁ ଇସ୍ରାଏଲ ଓ ଆମେରିକା ଆକ୍ରମଣ ଜାରି ରଖିଥିବାବେଳେ ଇରାନ ମଧ୍ୟ ସେମାନଙ୍କ ଉପରେ ପାଲଟା ଆକ୍ରମଣ କରୁଛି। ଇରାନ ଇସ୍ରାଏଲ ଉପରେ ସିଧାସଳଖ ଆକ୍ରମଣ କରୁଥିବାବେଳେ ପଶ୍ଚିମ ଏସିଆରେ ଥିବା ଆମେରିକାର ସାମରିକ ଘାଟି ଉପରେ ଜୋରଦାର ଆକ୍ରମଣ କରୁଛି। ଇରାନର ଆକ୍ରମଣରେ ମଧ୍ୟପ୍ରାଚ୍ୟରେ ଏହାର ପଡ଼ୋଶୀ ଦେଶମାନେ କ୍ଷତିଗ୍ରସ୍ତ ହେଉଛନ୍ତି। ଇରାନ କର୍ତ୍ତୃପକ୍ଷ ଏହି ଆକ୍ରମଣକୁ ୱାଶିଂଟନ ଏବଂ ତେଲ ଅଭିଭର ଆକ୍ରମଣ ବିରୋଧରେ ପ୍ରତିଶୋଧମୂଳକ ପଦକ୍ଷେପ ଭାବରେ ପ୍ରସ୍ତୁତ କରିଛନ୍ତି। ଇରାନ ରାଷ୍ଟ୍ରପତି ମସୁଦ ପେଜେସ୍କିଆନ୍ ପଡ଼ୋଶୀ ଦେଶମାନଙ୍କୁ ଆକ୍ରମଣ ପାଇଁ କ୍ଷମା ମାଗିଛନ୍ତି। ଶନିବାର ଇରାନର ସରକାରୀ ଟେଲିଭିଜନରେ ପ୍ରସାରିତ ଏହି ଭାଷଣ ପୂର୍ବରୁ ରେକର୍ଡ଼ କରାଯାଇଥିଲା। ଏଥିରେ ପେଜେସ୍କିଆନ କହିଛନ୍ତି, ତେହେରାନ ଅନ୍ୟ ଦେଶ ଉପରେ ଆକ୍ରମଣ କରିବାକୁ କୌଣସି ଉଦ୍ଦେଶ୍ୟ ପୋଷଣ କରେନାହିଁ। ଦେଶର ଅସ୍ଥାୟୀ ନେତୃତ୍ୱ ପରିଷଦ ପଡ଼ୋଶୀ ରାଷ୍ଟ୍ରଗୁଡ଼ିକ ଉପରେ ଆକ୍ରମଣ ବନ୍ଦ କରିବା ପାଇଁ ଏକ ନିଷ୍ପତ୍ତିକୁ ଅନୁମୋଦନ କରିଛି। ଯଦି ଇରାନ ଉପରେ ସିଧାସଳଖ




ସେମାନଙ୍କ ଦ୍ୱାରା ଆକ୍ରମଣ କରାନଯାଏ ତେବେ ତେହେରାନ ପଡ଼ୋଶୀ ଦେଶଙ୍କ ଉପରେ ଆକ୍ରମଣ କରିବ ନାହିଁ। ସେହିପରି ଆମେରିକା ଆଗରେ ଆତ୍ମସମର୍ପଣ କଥାକୁ ଇରାନ ରାଷ୍ଟ୍ରପତି ସମ୍ପୂର୍ଣ୍ଣ ଖଣ୍ଡନ କରିଛନ୍ତି। ପେଜେସ୍କିଆନ କହିଛନ୍ତି, ସେମାନେ ଆମର ନିଃସର୍ତ୍ତ ଆତ୍ମସମର୍ପଣର ସ୍ୱପ୍ନକୁ କବର ପର୍ଯ୍ୟନ୍ତ ନେଇପାରିବେ। ଇରାନ ରାଷ୍ଟ୍ରପତିଙ୍କ ଏହି ବିବୃତି କ୍ରମାଗତ ଆଞ୍ଚଳିକ ସଂଘର୍ଷ ମଧ୍ୟରେ ଆମେରିକା ଏବଂ ଇସ୍ରାଏଲ ବିରୋଧରେ ଦୃଢ଼ ମନୋଭାବ ବଜାୟ ରଖି ପଡ଼ୋଶୀ ଦେଶମାନଙ୍କୁ ଆଶ୍ୱସ୍ତ କରିବା ପାଇଁ ତେହେରାନର ପ୍ରୟାସକୁ ସଙ୍କେତ ଦେଉଛି।

CMYK

ତିଥି : (ପଞ୍ଚମୀ) : (ସ୍ୱାତୀ ତୁଳା)
ଅମୃତବେଳା: ଦିବା ଘ.୬।୫୪ ଗତେ ଘ୧୦।୬ ମଧ୍ୟେ

## ଆଜିର ଅନୁଚିନ୍ତନ

ହେ କୁରୁଶ୍ରେଷ୍ଠ ଅର୍ଜ୍ଜୁନ ! ଯଜ୍ଞାବଶେଷ ଅମୃତ ଅନୁଭବ କରୁଥିବା ମନୁଷ୍ୟ ସନାତନ ପରବ୍ରହ୍ମ ପରମାତ୍ମାଙ୍କୁ ପ୍ରାପ୍ତ ହୁଅନ୍ତି। ଯଜ୍ଞ ନ କରୁଥିବା ମନୁଷ୍ୟଙ୍କ ପାଇଁ ଇହଲୋକ ମଧ୍ୟ ସୁଖଦାୟକ ନୁହେଁ, ପୁଣି ପରଲୋକ ସୁଖଦାୟକ ହେବ କିପରି ? - ଶ୍ରୀମଦ୍ ଭଗବଦ୍ ଗୀତା

## ଅଙ୍କକଷା ଚାଲିଛି

ଆଗକୁ ରାଜ୍ୟସଭା ନିର୍ବାଚନ। ଏହି ପରିପ୍ରେକ୍ଷୀରେ ରାଜ୍ୟ ପାଇଁ ଥିବା ୪ ଆସନ ନିମନ୍ତେ ୫ ପ୍ରାର୍ଥୀ ମଇଦାନରେ ଥିବା ହେତୁ ଲଢେଇରେ ବାଦ୍ ପଡ଼ିବେ ଜଣେ। ସେହି ଜଣଙ୍କ କିଏ ସେନେଇ ନାନା କଥା ଚର୍ଚ୍ଚା ହେଉଛି। ତିନି ଦଳ ପକ୍ଷରୁ ଯେତିକି ଅଙ୍କକଷା ଚାଲିଛି, କଳ୍ପନାଜଳ୍ପନା ତାହାଠାରୁ ଅଧିକ। ହିସାବ ମୁତାବକ ବିଜେପି ପାଇଁ ୨ ଆସନ , ତୃତୀୟ ଆସନ ଯିବ ବିଜେଡି ପକ୍ଷକୁ। ପ୍ରଶ୍ନ ଉଠୁଛି ଚତୁର୍ଥ ଆସନ ଯିବ କାହା ପଲାକୁ ? ଏହି ଆସନ ପାଇଁ ୩ ଦଳକୁ କ୍ରସ ଭୋଟିଂ ଚିନ୍ତା ଘାରିଥିବା କୁହାଯାଉଛି। ଆଲୋଚ୍ୟ ଚତୁର୍ଥ ଆସନ ନିମନ୍ତେ ବିଜେଡି - କଂଗ୍ରେସର ଜଣେ ମିଳିତ ପ୍ରାର୍ଥୀ ଥିବାବେଳେ ଅପରପକ୍ଷେ ବିଜେପି ସମର୍ଥିତ ଜଣେ ସ୍ୱାଧୀନ ପ୍ରାର୍ଥୀ ଅଛନ୍ତି। ସେ ଦୁହେଁ ହେଲେ ଡା.ଦତ୍ତେଶ୍ୱର ହୋତା ଓ ଦିଲୀପ ରାୟ।

ବିଧାନସଭାରେ ସଂଖ୍ୟା ଦୃଷ୍ଟିରୁ ରାଜ୍ୟସଭା ପ୍ରାର୍ଥୀଙ୍କୁ ବିଜୟୀ ହେବା ପାଇଁ ଲୋଡ଼ା ୩୦ ଭୋଟ। ବିଜେପିର ୭୯ ଓ ସ୍ୱାଧୀନ ୩, ଏପରି ଆଧାରରେ ବିଜେପି ପାଖରେ ରହିଛି ମୋଟ ୮୨ ଭୋଟ। ଏହା ଦୁଇ ପ୍ରାର୍ଥୀଙ୍କ ପାଇଁ ୩୦ ଲେଖାଏଁ ହିସାବରେ ପଡ଼ିବ ୬୦ ଭୋଟ। ପଡ଼ିସାରିବା ପରେ ବଳକା ରହୁଛି ୨୨ଭୋଟ୍। ଅପରପକ୍ଷେ ବିଜେଡି-କଂଗ୍ରେସ ମିଳିତ ପ୍ରାର୍ଥୀଙ୍କ ପାଇଁ ୩୦ରୁ ଅଧିକ ଭୋଟ୍ ରହିଥିଲେ ହେଁ କ୍ରସ ଭୋଟିଂ ଓ ଘୋଡ଼ା ବେପାର ଭଳି ଆଶଙ୍କାର ବାଦଲ ଏବେ ରାଜନୀତି ଆକାଶରେ ଘୋଟି ରହିଛି। ଆଶା-ଆଶଙ୍କା ତାଳ ଦେଇ ବଢୁଛି।

ରାଜ୍ୟ ରାଜନୀତିରେ ଏଥର ଦେଖିବାକୁ ମିଳିଛି ପ୍ରଥମ ଥର ପାଇଁ ବିଜେଡି ଓ କଂଗ୍ରେସର ମୁଖିଆ ଜଣେ ପ୍ରାର୍ଥୀଙ୍କ ପାଇଁ ଏକାଠି ଉପସ୍ଥିତ ରହିଲେ। ଅର୍ଥାତ୍ ରାଜ୍ୟ ରାଜନୀତିରେ ଏହା ସୃଷ୍ଟି କରିଛି ନୂଆ ସମୀକରଣ। ଡା. ହୋତାଙ୍କୁ ସମର୍ଥନ ଦେବା ପାଇଁ ସିପିଆଇ(ଏମ୍) ଅଣ୍ଟା ଭିଡିସାରିଛି। ଧର୍ମ ନିରପେକ୍ଷ ମୂଲ୍ୟବୋଧ, ଗଣତନ୍ତ୍ର ତଥା ସାମ୍ବିଧାନିକ ମୂଲ୍ୟବୋଧ ସୁରକ୍ଷା ପାଇଁ ଏହି ଲଢେଇ ବୋଲି ଉକ୍ତ ଦଳ ବିବେଚନା କରିଛି। ତେଣେ ବିଜେପି ସମର୍ଥିତ ପ୍ରାର୍ଥୀ ଶ୍ରୀ ରାୟ ବିନା କ୍ରସ ଭୋଟିଂରେ ଜିତିପାରିବେ ନାହିଁ। ଅର୍ଥାତ୍ କ୍ରସ ଭୋଟିଂ ଅବଧାରିତ। ସ୍ମରଣ କରାଯାଇପାରେ ଯେ ୨୦୦୨ରେ ହୋଇଥିବା କ୍ରସ ଭୋଟିଂରେ ଶ୍ରୀ ରାୟ ସ୍ୱାଧୀନ ପ୍ରାର୍ଥୀ ହୋଇଥିବା ସତ୍ତ୍ୱେ ବିଜୟୀ ହୋଇଥିଲେ। ନିକଟରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଶାହ ରାଜ୍ୟରେ ରୁଦ୍ଧଦ୍ୱାର ବୈଠକ ଆୟୋଜନ କରାଇଲେ। ସମ୍ଭବତଃ ଏହି ବୈଠକରେ ସେ ନିଶ୍ଚୟ ଉକ୍ତ ନିର୍ବାଚନ ସଂପର୍କରେ ତାଗିଦା କରାଇଥିବେ। ଯାହାଦ୍ୱାରା ବିଜେପି ପକ୍ଷରୁ କ୍ରସ ଭୋଟିଂ ସମ୍ଭାବନାକୁ ଏଡ଼ାଯାଇପାରିବ, ଏପରି ଅନୁମାନ କରାଯାଉଛି।

ରାଜ୍ୟନୀତି ଓ ପ୍ରେମରେ ସବୁ ସମ୍ଭବ। ଏପରି ଏକ ବହୁ ପ୍ରଚଳିତ ଉକ୍ତି ରହିଛି। ସୁତରାଂ ଶାସକ ଦଳ ହେଉ କି ବିଜେଡିର ଅସନ୍ତୁଷ୍ଟ ଅବା କଂଗ୍ରେସରୁ ବିଦା ହୋଇଥିବା ବିଧାୟକ ଆଲୋଚ୍ୟ ନିର୍ବାଚନରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବା ଥୟ। ସେମାନଙ୍କ ମତ କାହା ସପକ୍ଷରେ ଯିବ, ସେଥିନେଇ କଳ୍ପନାଜଳ୍ପନାର ଅନ୍ତ ନାହିଁ। ଶ୍ରୀ ରାୟଙ୍କ ବିଜୟ ସଂପର୍କରେ ନାନା ଆକଳନ କରାଯାଉଛି। କିନ୍ତୁ ଅସଲରେ ହେଉଛି ଗୋଟିଚାଳନା ରଣନୀତି। ଏହି ରଣନୀତି ଅର୍ଥାତ୍ ଯାହାର ଦବ୍‌ଦବା ଅଧିକ ରହିବ ସେହି ପକ୍ଷ ଯେଉଁ ବିଜୟ ହାସଲ କରିବ ତାହାର ପରିଣତିକୁ କୁହାଯିବ 'ଜୋ ଜିତା ଓ୍ୱହ ସିକନ୍ଦର'।

# ଜାତୀୟ ବିକାଶ ଧାରାରେ ମହିଳା

**ରବୀନ୍ଦ୍ରନାଥ ଯୋଷୀ**

**"ମହିଳା ଶିକ୍ଷିତ ହୋଇଛି , ସ୍ୱାବଲମ୍ବୀ ହୋଇଛି, ପରିବାରର ଦାୟିତ୍ୱ ବି ନେଇଛି । ଆର୍ଥିକ ଦୃଷ୍ଟିକୋଣରୁ ମହିଳା ଉପାର୍ଜନକ୍ଷମ ହୋଇଛି । ଏ ଦିଗରେ ମହିଳାଟିଏ ସଶକ୍ତ ହୋଇଛି ବୋଲି ଆମେ କହି ପାରିବା । କିନ୍ତୁ ଆଜି ସୁରକ୍ଷା ଦୃଷ୍ଟି କୋଣରୁ ମହିଳା କେତେ ସଶକ୍ତ ତାହା ଆମ ଦେଶରେ ପ୍ରତ୍ୟହ ସେମାନଙ୍କ ଉପରେ ଘଟୁଥିବା ବିଭିନ୍ନ ଘଟଣାରୁ ବୁଝିବାରେ ଅସୁବିଧା ହେବ ନାହିଁ । ନାବାଳିକା ଶିଶୁଠାରୁ ବୃଦ୍ଧା ମହିଳା ପର୍ଯ୍ୟନ୍ତ ସମାଜରେ କେଉଁଠି ନା କେଉଁଠି କାହାର ରୋଷର ଶିକାର ହେବାକୁ ପଡୁଛି । ବିଦ୍ୟାଳୟ ହେଉ କି ଚିକିତ୍ସାଳୟ ହେଉ,ଜନ୍ମଭୂମି ହେଉ କି କର୍ମଭୂମି ହେଉ ସବୁଠି ମହିଳା ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି ।**

ଏକଦା ସମାଜରେ ମହିଳାଙ୍କୁ ପୁରୁଷମାନଙ୍କ ଭଳି ସମାନ ଅଧିକାର ଦିଆଯାଉ ନ ଥିଲା । ଅନେକ ଦେଶରେ ସେମାନଙ୍କ ପାଇଁ ସାମ୍ବିଧାନିକ ଅଧିକାର ମଧ୍ୟ ସଂକୁଚିତ ଥିଲା । ଏପରିକି ଜନପ୍ରତିନିଧି ଚୟନରେ ସେମାନଙ୍କୁ ଭୋଟ ଦେବାର ଅଧିକାରରୁ ବଞ୍ଚିତ କରାଯାଉଥିଲା। ପରବର୍ତ୍ତୀ ସମୟରେ ଏହି ମାନସିକତାରେ ଅବଶ୍ୟ ପରିବର୍ତ୍ତନ ଘଟିଛି। ମହିଳାଙ୍କ ସମ୍ମାନ ଓ ସୁରକ୍ଷା ପାଇଁ ସରକାରୀ ସ୍ତରରେ ତତ୍ପରତା ପ୍ରକାଶ ପାଇଛି । ଆମ ଦେଶ ଭାରତବର୍ଷରେ ମଧ୍ୟ ମହିଳାଙ୍କ ଅଧିକାର ପ୍ରତି ଅବହେଳା କରାଯାଉଥିଲା । ମହିଳାମାନଙ୍କ ଉଦ୍ଦେଶ୍ୟରେ ଆମ ସମାଜ ଅତି ସହଜରେ ଝିଅ ଜନମ ଚୁଲି ମୁଣ୍ଡକୁ କହି ସେମାନଙ୍କୁ ଘରର ଚାରିକାନ୍ଥ ଭିତରେ ସୀମାବଦ୍ଧ କରି ରଖିବାର ମାନସିକତା ରଖିଆସିଥିଲା। ସ୍ୱାମୀଙ୍କ ମୃତ୍ୟୁ ପରେ ସ୍ତ୍ରୀ ମାନଙ୍କୁ ସ୍ୱାମୀଙ୍କ ଚିତାଗ୍ନିରେ ଝାସ ଦେଇ ଜୀବନ ହାରିବା ଭଳି ଏକ କୁତ୍ସିତ ଓ ଅମାନବୀୟ ପରମ୍ପରା ପ୍ରଚଳିତ ହେଉଥିଲା। ବିଧବା ବିବାହ ବର୍ତ୍ତମାନ ବି ସମାଜରେ ଗ୍ରହଣୀୟ ହୋଇନାହିଁ । ପୁରୁଷପ୍ରଧାନ ସମାଜରେ ଜନଗଣଙ୍କ ମାନସିକତାରୁ ଏହି ସବୁ କୁପ୍ରଥାର ହିଁ ସୃଷ୍ଟି ହୋଇଥିଲା । ଆମ ସମାଜର ପ୍ରଚଳିତ ପରମ୍ପରା ଅନୁସାରେ ଝିଅଟିଏ ବିବାହ ପରେ ନିଜ ପିତାମାତା ଘରେ ନ ରହି ନିଜ ସ୍ୱାମୀ ସହିତ ଶାଶୁ ଶଶୁର ଘରକୁ ଯାଇଥାଏ । ଏହି ମର୍ମରେ ଆମେ ଝିଅ ଜନମ ପରଘରକୁ କହିବା ସହିତ ଝିଅ ଜନମ ଚୁଲି ମୁଣ୍ଡକୁ ବୋଲି ମଧ୍ୟ କହିଆସୁଥିଲୁ । ସାମାଜିକ ଚଳଣି ଅନୁସାରେ ପୁରୁଷଟିଏ ଅର୍ଥ ରୋଜଗାର କରି ଘରର ପରିଚାଳନା କରିବା ଏବଂ ଘରର ରୋଷେଇବାସ ସହିତ ପିଲାଛୁଆର ଯତ୍ନନେବା,ପରିବାରର ଅନ୍ୟ ସଦସ୍ୟମାନଙ୍କ ଭଲମନ୍ଦ ବୁଝିବାର ଦାୟିତ୍ୱ ମହିଳାମାନଙ୍କର।

ଆମଦେଶରେ ଏହି ପରମ୍ପରା କେଉଁ ଆବହମାନ କାଳରୁ ପ୍ରଚଳିତ ହୋଇଆସୁଛି । ଝିଅପିଲାଟି ପାଠ ପଢ଼ିବା ଅପେକ୍ଷା ରୋଷେଇ କାର୍ଯ୍ୟ ସହିତ ଘର ପରିଚାଳନା ଓ ପରିବାରର ଅନ୍ୟ ସମସ୍ତଙ୍କ ସେବା ଓ ଯତ୍ନ କରିବା ସହିତ ସାମାଜିକ ସଂସ୍କାର ଶିଖିବାର ଆବଶ୍ୟକତାକୁ ଗୁରୁତ୍ୱ ଦିଆଗଲା । ଏହା କାଳକ୍ରମେ ଏକ ଅଲିଖିତ ନିୟମ ହୋଇଗଲା । ବର୍ଷ ବର୍ଷ ଧରି ମହିଳାମାନଙ୍କ ପ୍ରତି ଥିବା ସମାଜର ଏହି ମାନସିକତାରେ କିଛି ପରିବର୍ତ୍ତନ ଘଟିଥିଲେ ମଧ୍ୟ ଏହା ସଂପୂର୍ଣ୍ଣଭାବରେ ଦୂର ହୋଇନାହିଁ। ବିଶେଷ ଭାବରେ ଭାରତ ଭଳି ଏକ ପରମ୍ପରା ଓ ସାମାଜିକ ରୀତିନୀତିରେ ବିଶେଷ ଆଗ୍ରହ ରଖିଥିବା ଦେଶରେ ସହଜରେ ଏହାର ପରିବର୍ତ୍ତନ ହୋଇ ନପାରେ । ଆଜି ନାରୀଟିଏ ଦେଶର ବିକାଶଧାରାରେ ପୁରୁଷମାନଙ୍କ ଭଳି ପ୍ରମୁଖ ଭୂମିକା ଗ୍ରହଣ କରିଛି । ସ୍ୱାଧୀନୋତ୍ତର ଭାରତରେ ଦେଶର ପ୍ରଧାନମନ୍ତ୍ରୀ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଜଣେ ମହିଳା ଭାବରେ ଇନ୍ଦିରା ଗାନ୍ଧୀ ସଫଳତାର ସହିତ କାର୍ଯ୍ୟକରିଛନ୍ତି । ପ୍ରତିଭା ଦେବୀ ସିଂ ପାଟିଲ ଦେଶର ସର୍ବୋଚ୍ଚ ପଦବୀ ରାଷ୍ଟ୍ରପତି ଭାବରେ ନିର୍ବାଚିତ ହୋଇସାରିଥିବାବେଳେ ବର୍ତ୍ତମାନ ମଧ୍ୟ ଜନଜାତି ବର୍ଗର ମହିଳାଟିଏ ଦେଶର ରାଷ୍ଟ୍ରପତି ପଦରେ ଅଳଂକୃତ ହୋଇଛନ୍ତି । ଆମ ରାଜ୍ୟ ଓଡ଼ିଶାରେ ମଧ୍ୟ ନନ୍ଦିନୀ ଶତପଥୀ ଅଶି ଦଶକରେ ମୁଖ୍ୟମନ୍ତ୍ରୀ ଭାବରେ ଅଧିଷ୍ଠିତ ହୋଇ ନିଜ ଦକ୍ଷତା ପ୍ରତିପାଦିତ କରିପାରିଛନ୍ତି । ଅନେକ ରାଜ୍ୟର ମୁଖ୍ୟମନ୍ତ୍ରୀ, ଲୋକସଭା ଓ ବିଭିନ୍ନ ବିଧାନସଭାର ବାଚସ୍ପତି ଭାବରେ ମଧ୍ୟ ମହିଳାମାନେ ନିର୍ବାଚିତ ହୋଇ ସେମାନଙ୍କ ଦକ୍ଷତା ପ୍ରଦର୍ଶିତ କରିସାରିଛନ୍ତି। ସର୍ବଭାରତୀୟ ପ୍ରଶାସନିକ ସେବାରେ ମଧ୍ୟ ମହିଳାମାନେ ଚୟନ ହୋଇ ସଫଳତାର ସହିତ କାର୍ଯ୍ୟକରି ଆସୁଛନ୍ତି । ବର୍ତ୍ତମାନ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ନିଯୁକ୍ତ କର୍ମଚାରୀ ସଂଖ୍ୟାରେ ମହିଳାମାନଙ୍କ ସଂଖ୍ୟାର ବ୍ୟାପକ ଅଭିବୃଦ୍ଧି ଘଟିଛି । ଏହା ସହିତ ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥାମାନଙ୍କରେ ମଧ୍ୟ ମହିଳାମାନେ ଅନୁଷ୍ଠାନର ମୁଖ୍ୟଭାବରେ ମଧ୍ୟ ଅବସ୍ଥାପିତ ହେବା ସହିତ ନିଜ ନିଜ ଦାୟିତ୍ୱ ସଂପାଦନ କରିବାରେ ସଫଳତା ପାଇଛନ୍ତି । ଭାରତୀୟ ସେନାବାହିନୀରେ ମଧ୍ୟ ମହିଳାମାନେ ଯୋଗଦେଇ ଦେଶ ସେବାରେ ନିଜକୁ ନିୟୋଜିତ କରିବାରେ ଆଗେଇଆସିଛନ୍ତି । ବାପୁଜୀ ମହାତ୍ମା ଗାନ୍ଧୀଙ୍କ ସହଧର୍ମିଣୀ କସ୍ତୁରବା ଗାନ୍ଧୀ ବାପୁଜୀଙ୍କ ସହିତ ଦେଶର ସ୍ୱାଧୀନତା ଆନ୍ଦୋଳନରେ ନିଜକୁ ସାମିଲ କରିଥିଲେ । ଆମ ରାଜ୍ୟ ଓଡ଼ିଶାରେ ମଧ୍ୟ ରମାଦେବୀ ଚୌଧୁରୀ, ସରଳା ଦେବୀ , ମାଳତୀ ଚୌଧୁରୀଙ୍କ ସହିତ ଅନେକ ମହିଳା ଆଗକୁ ଆସି ଦେଶର ମୁକ୍ତି ସଂଗ୍ରାମରେ ଅଂଶ ଗ୍ରହଣ କରିଥିଲେ । ସେମାନେ ପ୍ରମାଣ କରିସାରିଛନ୍ତି ଯେ ଝିଅମାନେ ବି ପୁରୁଷମାନଙ୍କ ଭଳି ସବୁ କାର୍ଯ୍ୟ ସଫଳତାର ସହିତ କରିପାରନ୍ତି । ଝିଅମାନେ କେବଳ ଘରର ଚାରିକାନ୍ଥ ଭିତରେ ଆବଦ୍ଧ ନରହି ସେମାନେ ଦେଶର ରାଜନୈତିକ



, ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ଭାଗ ନେଇପାରିବେ । ଦେଶର ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇପାରିବେ । କେବଳ ସେମାନଙ୍କୁ ସୁଯୋଗ ଦେବା ଦାୟୀତ୍ୱ ଆମର। ଏଥିପାଇଁ ଆମର ମାନସିକତା ଦରକାର । ସେମାନଙ୍କ ଶିକ୍ଷାର ବିକାଶ ଘଟିଲେ ସଚେତନତା ବୃଦ୍ଧିମନ୍ତ ହେବ । ସଚେତନତା ଘଟିଲେଏ ହିଁ ସେମାନଙ୍କ ଅଧିକାର, ସମାନତା ଓ ସଶକ୍ତିକରଣ ପ୍ରାପ୍ତି ପାଇଁ ସହଜ ହେବ । ବର୍ତ୍ତମାନ ଦେଖା ଦେଇଛି ଦେଶରେ ବିଭିନ୍ନ ପରୀକ୍ଷାରେ ପୁଅମାନଙ୍କ ଅପେକ୍ଷା ଝିଅମାନଙ୍କ ପ୍ରଦର୍ଶନ ବଢିଛି । ଏପରିକି ସର୍ବଭାରତୀୟ ପ୍ରଶାସନିକ ସେବା ସହିତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାରେ ମଧ୍ୟ ଝିଅମାନଙ୍କ ପ୍ରଦର୍ଶନ ପିଲାମାନଙ୍କ ଅପେକ୍ଷା କମ୍ ନୁହେଁ । ଆଜିର ସମାଜରେ ମହିଳାଟିଏ ସ୍ୱାମୀର ଉପାର୍ଜନରେ ଭରସା କରି ବଂଚିବା ଅପେକ୍ଷା ନିଜେ ସ୍ୱାବଲମ୍ବୀ ହେବା ପାଇଁ ଉଦ୍ୟମ ଜାରୀ ରଖିଛି । ସଫଳତା ମଧ୍ୟ ପାଇଆସୁଛି । ଏପରିକି କିଛି ପରିବାରରେ ମହିଳା ହିଁ ଉପାର୍ଜନ କରି ପରିବାର ପ୍ରତିପୋଷଣ କରିବାରେ ମୁଖ୍ୟ ଭୂମିକା ନିର୍ବାହ କରୁଛନ୍ତି। ଗ୍ରାମାଞ୍ଚଳରେ ମଧ୍ୟ ମହିଳା ସ୍ୱାବଲମ୍ବୀ ହେବାର ଧାରା ଅବ୍ୟାହତ ରହିଛି । ପଂଚାୟତରାଜ ବ୍ୟବସ୍ଥାରେ ମଧ୍ୟ ମହିଳାମାନେ ସୁଯୋଗ ପାଇ ଅନେକ ସ୍ଥାନରେ ଗ୍ରାମାଞ୍ଚଳର ବିକାଶଧାରାରେ ଅଂଶ ଗ୍ରହଣ କରିପାରିଛନ୍ତି ।

ଦେଶରେ ନାରୀ ଅତ୍ୟାଚାର କମିବାର ନାହିଁ। ବିଭିନ୍ନ କାରଣରୁ ମହିଳାମାନଙ୍କ ଉପରେ ଅତ୍ୟାଚାର ବଢିଛି। ଗୋଟିଏ ପଟରେ ନାରୀ ଶିକ୍ଷା ଓ ସଚେତନତାର ଅଭିବୃଦ୍ଧି ଘଟିଛି ଅଥଚ ଅନ୍ୟ ପକ୍ଷରେ ସେମାନଙ୍କ ସୁରକ୍ଷା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ମହିଳା ଶିକ୍ଷିତ ହୋଇଛି , ସ୍ୱାବଲମ୍ବୀ ହୋଇଛି, ପରିବାରର ଦାୟିତ୍ୱ ବି ନେଇଛି । ଆର୍ଥିକ ଦୃଷ୍ଟିକୋଣରୁ ମହିଳା ଉପାର୍ଜନକ୍ଷମ ହୋଇଛି । ଏ ଦିଗରେ ମହିଳାଟିଏ ସଶକ୍ତ ହୋଇଛି ବୋଲି ଆମେ କହି ପାରିବା। କିନ୍ତୁ ଆଜି ସୁରକ୍ଷା ଦୃଷ୍ଟି କୋଣରୁ ମହିଳା କେତେ ସଶକ୍ତ ତାହା ଆମ ଦେଶରେ ପ୍ରତ୍ୟହ ସେମାନଙ୍କ ଉପରେ ଘଟୁଥିବା ବିଭିନ୍ନ ଘଟଣାରୁ ବୁଝିବାରେ ଅସୁବିଧା ହେବ ନାହିଁ। ନାବାଳିକା ଶିଶୁଠାରୁ ବୃଦ୍ଧା ମହିଳା ପର୍ଯ୍ୟନ୍ତ ସମାଜରେ କେଉଁଠି ନା କେଉଁଠି କାହାର ରୋଷର ଶିକାର ହେବାକୁ ପଡୁଛି । ବିଦ୍ୟାଳୟ ହେଉ କି ଚିକିତ୍ସାଳୟ ହେଉ,ଜନ୍ମଭୂମି ହେଉ କି କର୍ମଭୂମି ହେଉ ସବୁଠି ମହିଳା ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ଦେଶରେ ଘରୋଇ ହିଂସା ବଢିଛି । ଘର ବାହାରେ ଏହା ଉଗ୍ର ରୂପ ନେଇ ସାରିଛି। ବେଳେବେଳେ ମହିଳା ହିଁ ମହିଳାର ସ୍ୱାର୍ଥ ପାଇଁ ପ୍ରତିବନ୍ଧକ ସାଜୁଛି। ମହିଳା ପୁରୁଷଟିଏ ପରି ସାମାଜିକ କ୍ଷେତ୍ରରେ ଆଜିବି ସଂପୂର୍ଣ୍ଣ ସ୍ୱାଧୀନ ବୋଲି କହିପାରିବା ନାହିଁ। ବର୍ତ୍ତମାନ ମହିଳାମାନଙ୍କ ବିକାଶ ପାଇଁ ଅନେକ ଯୋଜନା ପ୍ରଣୀତ ହୋଇଛି । ସେମାନଙ୍କ ସୁରକ୍ଷା, ଆତ୍ମନିର୍ଭରଶୀଳତା ପାଇଁ ସରକାରୀସ୍ତରରେ ମାଳମାଳ ଯୋଜନା ହୋଇଛି । ଏହି ଯୋଜନା ଗୁଡ଼ିକ ପ୍ରକୃତରେ ସେମାନଙ୍କ ପ୍ରଗତି ପାଇଁ ନା ଏହାର ଆଢୁଆଳରେ ଆମର ଆଉ ଅନ୍ୟ କିଛି ଉଦ୍ଦେଶ୍ୟ ନିହିତ ରହିଛି ? ଆମେ ପ୍ରକୃତରେ ସେମାନଙ୍କ ସମ୍ମାନ ରକ୍ଷା କରିପାରୁଛୁ ନା ନାହିଁ - ଏହା ଜନଗଣ ନିଶ୍ଚିତ ଉପଲବ୍ଧି କରିପାରୁଥିବେ। କିନ୍ତୁ ଏହା ସତ୍ୟ ଯେ ମହିଳାଙ୍କୁ ପ୍ରକୃତ ସମ୍ମାନ ମିଳିବା ପାଇଁ ଅନ୍ୟ ସବୁ କଥା ହେଉ ନହେଉ ଆମ ମାନସିକତାର ପରିବର୍ତ୍ତନ ନିହାତି ପ୍ରୟୋଜନ ।

ଦୂରଭାଷ - ୮୦୧୮୧୮୦୩୮୧

## ମହିଳା ଦିବସର ଐତିହାସିକ ପୃଷ୍ଠଭୂମି

**ଡ. ପ୍ରମୋଦ କୁମାର ପଣ୍ଡା**

ପ୍ରତିବର୍ଷ ମାର୍ଚ୍ଚ ମାସ ଆଠ ତାରିଖ ତମାମ ବିଶ୍ୱରେ ଅନ୍ତରାଷ୍ଟ୍ରୀୟ ମହିଳା ଦିବସ ପାଳିତ ହୋଇଥାଏ। ମହିଳାଙ୍କ ସମ୍ମାନରେ ଏହି ଦିନ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ। ସଚେତନତା ସୃଷ୍ଟି କରାଯାଏ। ଏହି ଅନ୍ତର୍ଜାତୀୟ ମହିଳା ଦିବସ ପାଳନର କାରଣ ଜାଣିବାକୁ ହେଲେ ପଛକୁ ଫେରିବାକୁ ହେବ। ଫରାସୀ ବିପ୍ଳବ ସମୟରେ ରିପବ୍ଲିକାନ କ୍ଲବମାନେ ଲିଙ୍ଗ ଭେଦ ନିର୍ବିଶେଷରେ ସ୍ୱତନ୍ତ୍ରତା, ସମାନତା ଓ ଭ୍ରାତୃତ୍ୱ ବ୍ୟବହାର ଲାଗୁକରିବାକୁ ଦାବି କଲେ। ମହିଳା ଦିବସ ବାସ୍ତବତଃ ଶ୍ରମିକ ଆନ୍ଦୋଳନରୁ ସୃଷ୍ଟ। ୧୯୦୮ ମସିହା। ଯୁକ୍ତରାଷ୍ଟ୍ର ଆମେରିକାର ନ୍ୟୁୟର୍କ ସହରରେ ୧୫୦୦୦ ମହିଳା ଏକତ୍ର ହେଲେ। କାମ କରିବାର ସମୟ ହ୍ରାସ, ଭଲ ପାଉଣା ଓ ମତଦାନ ଅଧିକାର ଦାବିରେ ଶୋଭାଯାତ୍ରାରେ ବାହାରିଲେ। ଏକ ବର୍ଷ ପରେ ଆମେରିକାର ସମାଜବାଦୀ ପାର୍ଟି ଏହି ଦିନକୁ ପ୍ରଥମ ରାଷ୍ଟ୍ରୀୟ ମହିଳା ଦିବସ ରୂପେ ଘୋଷିତ କରିଦେଲେ। କିନ୍ତୁ ଏହା ମାର୍ଚ୍ଚ ଆଠ ତାରିଖ ନଥିଲା। ଫେବୃଆରୀ ୨୮, ୧୯୦୯ ଥିଲା। ସୋଭିଏତ ସଙ୍ଘ ୨୮ ତାରିଖ ଛୁଟି ଘୋଷଣା କଲେ। ସେପର୍ଯ୍ୟନ୍ତ ଏହା ଅନ୍ତଃରାଷ୍ଟ୍ରୀୟ ସ୍ୱରୂପକୁ ଆସିନଥିଲା। ୧୯୧୦ ମସିହାରେ ଡେନମାର୍କ କୋପେନହେଗେନରେ କର୍ମଜୀବୀ ମହିଳାମାନଙ୍କର ଏକ ଅନ୍ତର୍ଜାତୀୟ ସମ୍ମିଳନୀର ଆୟୋଜନ ହେଲା। କୁହାଯାଏ ସେଥିରେ ୧୭ ଗୋଟି ଦେଶର ୧୦୦ ଜଣ ମହିଳା ସକ୍ରିୟ ଅଂଶଗ୍ରହଣ କରିଥିଲେ। ଭାଗ ନେଇଥିଲେ। ସେହି ସମ୍ମିଳନୀରେ କ୍ଲାରା ଜେଟକିନ ଅନ୍ତଃରାଷ୍ଟ୍ରୀୟ ମହିଳା ଦିବସ ପାଳନ କରିବା ପ୍ରସ୍ତାବ ଆଗତ କରିଥିଲେ। ତାଙ୍କ ଦ୍ୱାରା ଆଗତ ପ୍ରସ୍ତାବ ସମ୍ମିଳନୀରେ ଉପସ୍ଥିତ ସମସ୍ତ ମହିଳାଙ୍କ ସମର୍ଥନ ପ୍ରାପ୍ତ କରିଥିଲା। ୧୯୧୧ ମସିହାରେ ଅଷ୍ଟ୍ରିଆ, ଡେନମାର୍କ, ଜର୍ମାନୀ, ସ୍ୱିଜରଲ୍ୟାଣ୍ଡ ଆଦି ୟୁରୋପର କିଛି ଦେଶରେ ଅନ୍ତଃରାଷ୍ଟ୍ରୀୟ ମହିଳା ଦିବସ ପାଳିତ ହୋଇଥିଲା। ପରନ୍ତୁ ଏହାକୁ ଅଧିକାରିକ ମାନ୍ୟତା ମିଳିନଥିଲା। ୧୯୭୫ ମସିହାରେ ସଂଯୁକ୍ତ ରାଷ୍ଟ୍ର ବିଷୟ ଭିତ୍ତିକ ଅନ୍ତରାଷ୍ଟ୍ରୀୟ ମହିଳା ଦିବସ ପାଳନ କରିବା ଆରମ୍ଭ କରିଥିଲା।

୧୯୧୭ ମସିହାରେ ପ୍ରଥମ ବିଶ୍ୱ ଯୁଦ୍ଧ ଚାଲିଥିବା ସମୟରେ ରୁଷିଆର ମହିଳାମାନେ ଖାଦ୍ୟ ଓ ଶାନ୍ତି ପାଇଁ ଆନ୍ଦୋଳନ କରିଥିଲେ। ତାଙ୍କୁ ଖାଇବାକୁ ଓ ଶାନ୍ତିରେ ରହିବାକୁ ଦେବା ପାଇଁ ଦାବି କରିଥିଲେ। ସେତେବେଳେ ରୁଷିଆରେ ଜୁଲିଆନ କ୍ୟାଲେଣ୍ଡରର ପ୍ରଚଳନ ଥିଲା। ଯେଉଁଦିନ ମହିଳା ମାନେ ଧର୍ମଘଟ କରିଥିଲେ ସେହି ଦିନଟି ଥିଲା ଫେବୃଆରୀ ମାସ ୨୩ ତାରିଖ ଯାହା ଗ୍ରେଗୋରିଆନ କ୍ୟାଲେଣ୍ଡର ମୁତାବକ ମାର୍ଚ୍ଚ ୮ ତାରିଖରେ ପଡିଥାଏ। ସୁତରାଂ ସେହିଦିନ ଠାରୁ ମାର୍ଚ୍ଚ ୮ ତାରିଖରେ ସମଗ୍ର ବିଶ୍ୱ ଅନ୍ତଃରାଷ୍ଟ୍ରୀୟ ମହିଳା ଦିବସ ପାଳନ କରିଆସୁଛି।

ଅନ୍ତଃରାଷ୍ଟ୍ରୀୟ ମହିଳା ଦିବସର ଇତିହାସ ବହୁତ ପୁରୁଣା। ବିଂଶ ଶତାବ୍ଦୀ ପୂର୍ବରୁ ଭାରତରେ ଏହାର ଉଦ୍ଭବ ହୋଇଥିଲା ଯେତେବେଳେ ଦେଶର ମହିଳା ବ୍ରିଟିଶ ଶାସନ ବିରୁଦ୍ଧରେ ସକ୍ରିୟ ଅଂଶ ଗ୍ରହଣ କରିବା ଆରମ୍ଭ କରିଥିଲେ। ୧୯୧୭ ମସିହାରେ ବମ୍ବେ ନଗରୀରେ ପ୍ରଥମ ଥର ପାଇଁ ମହିଳା ମତଦାନ ଅଧିକାର ସକାଶେ ବିରୋଧ ପ୍ରଦର୍ଶନ ହୋଇଥିଲା। ସ୍ୱତନ୍ତ୍ରତା ପୂର୍ବରୁ ଦେଶର ମହିୟସୀ ମହିଳା ସରୋଜିନୀ ନାଇଡୁ, ଆନି ବେସନ୍ତ, କମଳାଦେବୀ ଚଟ୍ଟୋପାଧ୍ୟାୟ ମହିଳା ଅଧିକାର ପାଇଁ ଲଢେଇ କରିଥିଲେ। ପଣ୍ଡିତା ରମାବାଈ ମହିଳା ଅଧିକାର ଓ ସାବିତ୍ରୀବାଈ ଫୁଲେ ଶିକ୍ଷା ପାଇଁ ତାଙ୍କର ସଂଘର୍ଷ ଜାରି ରଖିଥିଲେ। ଓଡ଼ିଶାର ରମାଦେବୀ, ସରଳା ଦେବୀ, କୁନ୍ତଳା କୁମାରୀ ସାବତ, ମାଳତୀ ଚୌଧୁରୀ, ପାର୍ବତୀ ଗିରି, ଅନ୍ନପୂର୍ଣ୍ଣା ମହାରଣା ଇତ୍ୟାଦି ଦାମ୍ଭିକ ଦେଶପ୍ରେମୀ ମହିଳା ମହିଳା ଅଧିକାର ପାଇଁ ଆଜୀବନ ଆନ୍ଦୋଳନ କରି କୀର୍ତ୍ତିମାନ ସ୍ଥାପନ କରିଛନ୍ତି। ଇତିହାସର ଏହି ପୃଷ୍ଠଭୂମିରେ ଆଜି ଅନ୍ତଃରାଷ୍ଟ୍ରୀୟ ମହିଳା ଦିବସ ମାର୍ଚ୍ଚ ଆଠ ତାରିଖ ପାଳିତ ହୋଇଆସୁଛି। ଆଗକୁ ମଧ ହେଉଥିବ। ନାରୀ ସମ୍ମାନ ଏହି ଦିବସ ପାଳନର ଲକ୍ଷ୍ୟ। ନାରୀଶକ୍ତି ବଞ୍ଚିଲେ ଦେଶ ବଞ୍ଚିବ। ବିକାଶ ହେବ। ଅନ୍ୟଥା ବିନାଶ ସୁନିଶ୍ଚିତ।

ଆଗରୁ ମହିଳା ସୁରକ୍ଷିତ ନଥିଲେ। ଏବେ ମଧ ସୁରକ୍ଷିତ ନୁହନ୍ତି। ଏଥିପାଇଁ ମୁଖ୍ୟତଃ ଦୁଇଟି କାରଣ ଦାୟୀ ବୋଲି ମନେକରାଯାଏ। ମାନସିକତା ଓ ବ୍ୟବସ୍ଥା। ପୁରୁଷ ପ୍ରଧାନ ସମାଜର ମାନସିକତାରେ ସ୍ଥାୟୀ ପରିବର୍ତ୍ତନ ଦିନିକିଆ କାମ ନୁହଁ। ଏହା ଏକ ନିରନ୍ତର ପ୍ରକ୍ରିୟା। ବର୍ଷସାରା ମହିଳା ଅସମ୍ମାନରେ ଲିପ୍ତ ରହି କେବଳ ଗୋଟିଏ ଦିନ ସମ୍ମାନ ପ୍ରଦର୍ଶନ ପାଇଁ ବିଭିନ୍ନ ଦେଖାଣିଆ କାର୍ଯ୍ୟକ୍ରମର ଆୟୋଜନ ପ୍ରଭାବୀ ହେବନାହିଁ। ତେଣୁ ଏଦିଗରେ ନିରନ୍ତର ପ୍ରୟାସ ଅତ୍ୟାବଶ୍ୟକ ଅଟେ। ଦ୍ୱିତୀୟତଃ ବ୍ୟବସ୍ଥା ପ୍ରତି ଲୋକଙ୍କ ମନରେ ଭୟ ରହିବା ଦରକାର। ତେବେଯାଇ ନାରୀ ନିର୍ଯ୍ୟାତନା କମିବ। ଅଧିକ ସଂଖ୍ୟକ କଳ୍ପନା ଚାୱଲା, ସୁନୀତା ଉଇଲିୟମ ସୃଷ୍ଟି କରିବାରେ ସମର୍ଥ ହେବା।

ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ, ସମ୍ବଲପୁର
ମୋ: ୭୯୭୮୨୮୩୧୯୦

# ଅଶାନ୍ତ ମଧ୍ୟପ୍ରାଚ୍ୟ

**ଡାକ୍ତର ରାଜକିଶୋର ପଣ୍ଡା**

**"ଆମେରିକାର ଇରାନ ଉପରେ ଆକ୍ରମଣର ଉଦ୍ଦେଶ୍ୟ କେବଳ ସେଠାରେ କ୍ଷମତା ପରିବର୍ତ୍ତନ ନୁହେଁ ବରଂ ଏହାର ଏକ ବୃହତ୍ତର ଲକ୍ଷ୍ୟ ରହିଛି ଯେଉଁଟି ହେଉଛି ମଧ୍ୟପ୍ରାଚ୍ୟରେ ଇସ୍ରାଏଲର ଆଧିପତ୍ୟ ପ୍ରତିଷ୍ଠା। ଇରାନର ନେତୃବୃନ୍ଦମାନଙ୍କୁ ସମୂଳେ ଧ୍ୱଂସ କରି ଓ୍ୱାଶିଂଟନ ଓ ତେଲ ଅଭିଭ୍ ଏକ ସ୍ୱତନ୍ତ୍ର ଡକ୍ଟ୍ରାଇନ ଦ୍ୱାରା ମଧ୍ୟପ୍ରାଚ୍ୟର ଅନ୍ୟ ଆଞ୍ଚଳିକ ଶକ୍ତିମାନଙ୍କୁ ନିୟନ୍ତ୍ରଣ କରି କ୍ଷମତା ହାତେଇବାକୁ ଚାହାନ୍ତି।**

କୁହାଯାଉଛି ଯେ ଏହାକୁ ନେଇ ଆମେରିକାରେ ବିପୁଳ ପରିମାଣର ଅର୍ଥ ଜୁଆଖେଳରେ ବ୍ୟବହୃତ ହେଉଛି। ରଏଟର୍ସ ତରଫରୁ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ ଖାମେନେଇଙ୍କ ଉପରେ ଆକ୍ରମଣ ଓ ତାଙ୍କର ସମ୍ଭାବ୍ୟ ମୃତ୍ୟୁକୁ ନେଇ ପାଖାପାଖି ପାଞ୍ଚଶହ ଅଣତିରିଶ ମିଲିଅନ ଡଲାର ବାଜି ଲାଗିଥିଲା। କାଲିଫର୍ଣ୍ଣିଆର ଡେମୋକ୍ରାଟିକ ନେତା ମାଇକ ଲେଭିନ୍ ମଧ ଏହି ଜୁଆ ଖେଳ କଥାଟିକୁ ସ୍ୱୀକାର କରିଛନ୍ତି। ଏକ ଗୁରୁତର କଥା ମଧ ସେ କହିଛନ୍ତି କି ଜୁଆଡ଼ିମାନେ ଆଗୁଆ ସାମରିକ ନୀତି ବିଷୟରେ ଜାଣିପାରି ପ୍ରଚୁର ମୁନାଫା କମାଉଛନ୍ତି।

ଏବେ ଆସିବା ଇରାନ ପ୍ରସଙ୍ଗକୁ। ଖାମେନେଇ କେବେ ବି ସର୍ବସାଧାରଣରେ ନିଜର ଉତ୍ତରାଧିକାରୀ ଘୋଷଣା କରି ନ ଥିଲେ, ଯାହାକି ଏକ ଅତି ଜଟିଳ ସାମ୍ବିଧାନିକ ସମସ୍ୟା ଇରାନରେ ସୃଷ୍ଟି କରିଛି। ଯଦିଓ ଦେଶର ସର୍ବୋଚ୍ଚ ନେତା ବାଛିବାର ଦାୟିତ୍ୱ ୮୮ ସଦସ୍ୟ ବିଶିଷ୍ଟ ଆସେମ୍ବ୍ଲି ହାତରେ ନ୍ୟସ୍ତ ଅଛି, ପ୍ରକୃତ ଅର୍ଥରେ କିନ୍ତୁ ଏକ ତିନିଜଣିଆ କୋର୍ କମିଟି ଏ ବ୍ୟାପାର ବୁଝୁଛି। ଏହି କମିଟିର ସଦସ୍ୟ ହେଉଛନ୍ତି ରାଷ୍ଟ୍ରପତି ମାସୁଦ୍ ପେଜେସ୍କିଆନ, ରକ୍ଷଣଶୀଳ ନ୍ୟାୟିକ ମୁଖ୍ୟ ଗୋଲାମ ହୋସେନ ମୋହସେନି ଓ ଗାର୍ଡ଼ିଏନ କାଉନସିଲର ଆଲିରେଜା ଆରାଫି। ନିବନ୍ଧଟି ଲେଖିବା ବେଳକୁ ଖାମେନେଇଙ୍କ ପୁତ୍ର, ମୋଜ୍‌ତାବା ଖାମିନି ଇରାନର ଆଗାମୀ ସର୍ବୋଚ୍ଚ ନେତା ପଦରେ ଅଧିଷ୍ଠିତ ହୋଇଥିବା ଖବର ମିଳୁଛି। ମୋଜ୍‌ତାବା କେତେ ଦୂର ନେତୃତ୍ୱରେ ସଫଳ ହେବେ ତାହା ସମୟ କହିବ। କିନ୍ତୁ ଏହା ମଧ ଆଶଙ୍କାର ପ୍ରସଙ୍ଗ ଯେ ସର୍ବୋଚ୍ଚ ନେତା ଚୟନରେ ବଂଶବାଦକୁ ନେଇ ଦେଶରେ ଏକ କ୍ଷମତାକନ୍ଦଳ ମଧ ଆରମ୍ଭ ହୋଇପାରେ। ବର୍ତ୍ତମାନ ଇରାନ ଧର୍ମଯାଜକମାନଙ୍କ ଶାସନ ବ୍ୟବସ୍ଥାରୁ ଏକ ସାମରିକ ଶାସନ ବ୍ୟବସ୍ଥା ଆଡ଼କୁ ଗତି କରୁଛି ଏପରି କହିବାର କାରଣ ହେଉଛି ଇସ୍‌ଲାମିକ ରିଭୋଲ୍ୟୁସନାରୀ ଗାର୍ଡ଼ କର୍ପସର ଦେଶରେ ବଳିଷ୍ଠ ଭୂମିକା। ଏହି ଆଇ.ଆର.ଜି.ସି. ସାମରିକ ଓ ଅର୍ଥନୈତିକ ଦୃଷ୍ଟିରୁ ଏକ ଅତି ପରିପୁଷ୍ଟ ସଂସ୍ଥା ଏବଂ ଭବିଷ୍ୟତରେ କ୍ଷମତା ପାଇଁ ଲାଳାୟିତ ହୋଇ ଦେଶର ଶାସନ କ୍ଷମତାକୁ ଏହା ସିଧାସଳଖ ନିଜ ହାତକୁ ଆଣିପାରେ। ଏପରି ହେଲେ ଇରାନ ହୋଇଯିବ ଆହୁରି ଭୟଙ୍କର ଓ ଆକ୍ରାମକ।

ପଶ୍ଚିମ ଏସିଆ ବା ମଧ୍ୟପ୍ରାଚ୍ୟ ବର୍ତ୍ତମାନ ବହୁଦିଗରୁ ଅଶାନ୍ତ। ଆକ୍ରମଣର ଜବାବ ଦେବାକୁ ଯାଇ ଆଇ.ଆର.ଜି.ସି. ଆମେରିକାର ସାମରିକ ଘାଟିଥିବା ଦେଶ ଯେପରିକି କୁଏତ୍, ବାହାରିନ୍, କାତାର, ୟୁଏଇ, ସାଉଦି ଆରବ, ଇରାକ ଓ ଜୋର୍ଡ଼ାନକୁ ଟାର୍ଗେଟ୍ କରିଛି। କୁଏତରେ ଆମେରିକାର କିଛି ସୈନ୍ୟ ମଧ ଏ ଭିତରେ ନିହତ ହୋଇଛନ୍ତି। ଇରାନ ମଧ ଇସ୍ରାଏଲ ଓ ମଧ୍ୟସ୍ଥତାର ଭୂମିକା ନେଉଥିବା ଓମାନକୁ ଟାର୍ଗେଟ କରିବାରୁ ପଛେଇ ନାହିଁ। ବିଶ୍ୱର ପ୍ରମୁଖ ତୈଳ ପରିବହନ ପଥ ଷ୍ଟ୍ରେଟ୍ ଅଫ୍ ହାରମୁଜ୍ ବର୍ତ୍ତମାନ ବନ୍ଦ। ଯଦିଓ ଏହାର ବିକଳ୍ପ ଭାବେ ସାଉଦି ଆରବ ଓ ୟୁଏଇ ପାଖରେ ପୂର୍ବ-ପଶ୍ଚିମ ତୈଳ ପାଇପ୍ ଲାଇନ (ଇରାନ - ଇରାକ ଯୁଦ୍ଧ ସମୟରେ ହାରମୁଜର ବିକଳ୍ପ ଭାବେ ନିର୍ମିତ ହୋଇଥିଲା) ଓ ଫୁଜାଇରା ଟର୍ମିନାଲ ଅଛି।

ଆମେରିକାର ଇରାନ ଉପରେ ଆକ୍ରମଣର ଉଦ୍ଦେଶ୍ୟ କେବଳ ସେଠାରେ କ୍ଷମତା ପରିବର୍ତ୍ତନ ନୁହେଁ ବରଂ ଏହାର ଏକ ବୃହତ୍ତର ଲକ୍ଷ୍ୟ ରହିଛି ଯେଉଁଟି ହେଉଛି ମଧ୍ୟପ୍ରାଚ୍ୟରେ ଇସ୍ରାଏଲର ଆଧିପତ୍ୟ ପ୍ରତିଷ୍ଠା। ଇରାନର ନେତୃବୃନ୍ଦମାନଙ୍କୁ ସମୂଳେ ଧ୍ୱଂସ



କରି ଓ୍ୱାଶିଂଟନ ଓ ତେଲ ଅଭିଭ୍ ଏକ ସ୍ୱତନ୍ତ୍ର ଡକ୍ଟ୍ରାଇନ ଦ୍ୱାରା ମଧ୍ୟପ୍ରାଚ୍ୟର ଅନ୍ୟ ଆଞ୍ଚଳିକ ଶକ୍ତିମାନଙ୍କୁ ନିୟନ୍ତ୍ରଣ କରି କ୍ଷମତା ହାତେଇବାକୁ ଚାହାନ୍ତି। ଇରାନ, ବିଦ୍ରୋହୀ ଆତଙ୍କବାଦୀ ଗୋଷ୍ଠୀ ହେଜବୁଲ୍ଲା ଓ ହୁଥିଙ୍କୁ ସହାୟତା ଦେବା ବନ୍ଦ କରୁ, ଇସ୍ରାଏଲ ଏହା ଚାହୁଁଛି ଓ ଏହା ସାଧିତ ହେବା ପାଇଁ ଟ୍ରମ୍ପ ପ୍ରଶାସନ ଉପରେ ଚାପ ମଧ ପ୍ରୟୋଗ କରୁଛି। ଇରାନ ଆକ୍ରମଣର ସମୟ ମଧ ବେଶ୍ ନିର୍ଣ୍ଣାୟକ। କାହିଁକି ନା ଡାଭୋସ୍‌ଠାରେ ଟ୍ରମ୍ପଙ୍କ ପ୍ରସ୍ତାବିତ ଶାନ୍ତି ବୋର୍ଡର ପ୍ରଥମ ବୈଠକର ଦଶ ଦିନ ପରେ ଏହି ନିରାପତ୍ତା ଆକ୍ରମଣ ସଂଘଟିତ ହୋଇଛି। ମିଳିତ ଜାତିସଂଘର ନିରାପତ୍ତା ପରିଷଦର ଏକ ସମାନ୍ତରାଳ ଅନୁଷ୍ଠାନ ହେଉଛି ଟ୍ରମ୍ପଙ୍କ ପ୍ରସ୍ତାବିତ ଏହି ବୋର୍ଡ଼। ଗୋଟିଏ ପଟେ ଟ୍ରମ୍ପଙ୍କ ଏହି ଶାନ୍ତି ବୋର୍ଡ଼ ଗାଜାରେ ଉତ୍ତେଜନା ଓ ସଂଘର୍ଷ ହ୍ରାସ କରି ଏହାର ପୁନର୍ଗଠନକୁ ଗୁରୁତ୍ୱ ଦେଉଥିବା ବେଳେ, ଅନ୍ୟ ପକ୍ଷରେ ତେହେରାନରେ ଧ୍ୱଂସାତ୍ମକ କାର୍ଯ୍ୟକୁ ମଧ ରାଜନୈତିକ ସମର୍ଥନ ଦେଉଛି। ଏହା ଏକ ବିରୋଧାଭାସ ନୁହେଁ କି ?

ଭାରତ ପାଇଁ ମଧ ଆଗକୁ ପରିସ୍ଥିତି ବେଶି ଅନୁକୂଳ ଦେଖାଯାଉନାହିଁ। ଷ୍ଟ୍ରେଟ୍ ଅଫ୍ ହାରମୁଜକୁ ଛାଡ଼ିଦେଲେ ଭାରତ ପାଇଁ ଅନ୍ୟ ଦୁଇଗୋଟି ସମସ୍ୟା ହେଉଛି ମଧ୍ୟପ୍ରାଚ୍ୟ ଓ ଇରାନରେ ଅବସ୍ଥିତ ମାନବ ସମ୍ବଳର ସୁରକ୍ଷା ଓ ଚାଭାର ବନ୍ଦରର ଭବିଷ୍ୟତ। ମଧ ଏସିଆରେ ପ୍ରବେଶ ନିମନ୍ତେ ଚାଭାର ବନ୍ଦର ଥିଲା ଭାରତ ପାଇଁ ଏକ ବହୁ ପ୍ରତୀକ୍ଷିତ ପ୍ରକଳ୍ପ। କିନ୍ତୁ ଟ୍ରମ୍ପଙ୍କର ଟିକସ ଧମକ ପରେ ଭାରତ ଏଥିରୁ ଓହ୍ଲାଇ ଆସିବା, ବର୍ତ୍ତମାନ ଲଗାଇ ଦେଇଛି ଏହି ପ୍ରକଳ୍ପ ଉପରେ ଏକ ପ୍ରଶ୍ନଚିହ୍ନ। ରୁଷିଆ ଓ ଚୀନ ମଧ ଆମେରିକାର ଏହି ଆକ୍ରମଣକୁ ଦୃଢ଼ ନିନ୍ଦା କରୁଛନ୍ତି ଏବଂ ଏସିଆରେ ଅଶାନ୍ତି ସୃଷ୍ଟି କରିବାର ଆରୋପ ଟ୍ରମ୍ପଙ୍କ ଉପରେ ଲଗାଇଛନ୍ତି। ଆମେରିକାରେ ମଧ ଟ୍ରମ୍ପ ଜନସାଧାରଣ ଓ ବିରୋଧୀ ଡେମୋକ୍ରାଟ ସାଂସଦମାନଙ୍କ ତୀବ୍ର ବିରୋଧର ସମ୍ମୁଖୀନ ହେଉଛନ୍ତି। ଟ୍ରମ୍ପଙ୍କର ମାଗା (ମେକ ଆମେରିକା ଗ୍ରେଟ ଏଗେନ୍) ଚିନ୍ତାଧାରାକୁ ଇରାନ ଆକ୍ରମଣ ଧକ୍କା ସଦୃଶ ହୋଇଛି। ଖାମେନେଇଙ୍କ ମୃତ୍ୟୁ ଇରାନ ସମସ୍ୟାର ସମାଧାନ ତ କରିନାହିଁ ବରଂ ଏହାକୁ ଆନ୍ତର୍ଜାତିକକରଣ କରିଛି। ଏହାର ସାମରିକ ଆନୁଷ୍ଠାନ ଆଇ.ଆର.ଜି.ସି ଉପରେ ବର୍ତ୍ତମାନ ବିଶ୍ୱ ସମୂହର ଦୃଷ୍ଟି ରହିଛି।

ଆୟାତୋଲ୍ଲା ଅଲ୍ଲି ଖାମେନେଇ ନିଜ ଶାସନକାଳ ଭିତରେ ଏକ ଲକ୍ଷରୁ ଅଧିକ ଲୋକଙ୍କର ଗଣହତ୍ୟା କରିଥିଲେ ଏବଂ ଏବେ ହୋଇଥିବା ବିଦ୍ରୋହରେ ତାଙ୍କ ନିର୍ଦ୍ଦେଶରେ ଚାଳିଶ ହଜାରରୁ ଅଧିକ ଲୋକଙ୍କୁ ହତ୍ୟା କରାଯାଇଥିଲା।

୨୦୨୨ ମସିହାରେ ଇରାନର ମହିଳା ଡାକ୍ତର ଆଇଦା ରୋସ୍ତାମିଙ୍କୁ ନିଷ୍ଠୁରତାର ସହ ହତ୍ୟା କରାଯାଇଥିଲା। ତାଙ୍କର ଅପରାଧ ଥିଲା ଆନ୍ଦୋଳନରେ ଆହତ ଜନତାଙ୍କର ସେବା କରିବା। ଏହାର ମୁଖ୍ୟ କାର୍ପିଟଦାର ଥିଲେ ଖାମେନେଇ।

ଇସ୍ରାଏଲ ଓ ଇରାନ ମଧ୍ୟରେ ଏକ ପୁରାତନ ଭାବଗତ ସମ୍ପର୍କ ରହିଆସିଛି। ସେଇଟି ହେଉଛି, ଖ୍ରୀଷ୍ଟପୂର୍ବ ୫୩୯ ରେ ରାଜା ସାଇରସ୍ ଦି ଗ୍ରେଟ ବାବିଲୋନ ଅଧିକାର କରି ସେଠାରେ ନିବାସ କରୁଥିବା ଇହୁଦୀମାନଙ୍କ ଉପରେ କୌଣସି ଅତ୍ୟାଚାର କରିନଥିଲେ ଓ ସେମାନଙ୍କୁ ଜେରୁଜେଲମ ଯିବା ପାଇଁ ଅନୁମତି ଦେଇଥିଲେ। ଆଜି ଇସ୍ରାଏଲ ଖେମନେଇ ରୂପୀ ଦାନବଠାରୁ ଇରାନକୁ ଉଦ୍ଧାର କରି ସେହି ପୁରାତନ ସମ୍ପର୍କର ପୁନରାବୃତ୍ତି କରିଛି।

ଶେଷରେ ଉପସଂହାର ବେଳେ ସୂଚାଇପାରେ ଯେ ଇରାନରେ ୪.୮ ରିକ୍ଟର ସ୍କେଲର ଏକ ଭୂମିକମ୍ପ ହୋଇଅଛି। ଏହା କୌଣସି ଆଣବିକ ପରୀକ୍ଷା ନୁହେଁ ତ ?

(ଶେଷଭାଗ)

ଓଡ଼ିଶା ସ୍ୱାସ୍ଥ୍ୟ ସେବା, ଭୁବନେଶ୍ୱର,
ମୋ- ୮୧୪୪୦୪୨୯୯୭

08.03.2026.pmd 1 3/7/2026, 5:43 PM

# ଅଂଶୁଘାତ ମୁକାବିଲା ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରସ୍ତୁତି

ଭଦ୍ରକ,୭ ।୩ (ନିପ୍ର); ଆସନ୍ତା ଗ୍ରୀଷ୍ମ ଋତୁରେ ସମ୍ଭାବ୍ୟ ଅଂଶୁଘାତ ପରିସ୍ଥିତିକୁ ମୁକାବିଲା କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଜିଲ୍ଲା ପରିଷଦ ସଭାଗୃହରେ ଆୟୋଜିତ ହୋଇଯାଇଛି । ବୈଠକରେ ଜିଲ୍ଲାପାଳ ଦିଲୀପ ରାଉତରା ଏବଂ ଅଧ୍ୟକ୍ଷତାରେ ଅଂଶୁଘାତ ସମୟରେ ଲୋକମାନଙ୍କ ସୁରକ୍ଷା ଓ ସଚେତନତା ସମ୍ପର୍କରେ ବିଭିନ୍ନ ବିଭାଗକୁ ଆବଶ୍ୟକ ନିର୍ଦ୍ଦେଶ ଦିଆଯାଇଥିଲାବୈଠକରେ ପାନୀୟ ଜଳ ସୁବିଧା ବୃଦ୍ଧି, ସହର ଓ ଗ୍ରାମାଞ୍ଚଳରେ ଶୀତଳ ପାଣି ଘର (ୱାଟର କିଓସ୍କ) ସ୍ଥାପନ, ଚିକିତ୍ସାଳୟଗୁଡିକରେ ଅଂଶୁଘାତ ଚିକିତ୍ସା ପାଇଁ ବିଶେଷ ୱାର୍ଡ ବ୍ୟବସ୍ଥା ଓ ଆବଶ୍ୟକ ଔଷଧ ମହଜୁଦ ରଖିବା ତଥା ଅଙ୍ଗନୱାଡ଼ି କର୍ମୀ, ଆଶା କର୍ମୀ ଓ ସ୍ୱାସ୍ଥ୍ୟ କର୍ମଚାରୀମାନଙ୍କ ମାଧ୍ୟମରେ ଗ୍ରାମସ୍ତରରେ ସଚେତନତା ସୃଷ୍ଟି କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ପ୍ରସ୍ତୁତି ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବି ନାରାୟଣ ସାହୁ , ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ , ଉପ ଜିଲ୍ଲାପାଳ ସୌରଭ ଚକ୍ରବର୍ତୀ , ଡେପୁଟି କଲେକ୍ଟର ଜ୍ଞାନ ରଞ୍ଜନ ସାହୁ ଉପସ୍ଥିତ ରହି ବିଭିନ୍ନ ବିଭାଗର ଅଧିକାରୀମାନଙ୍କୁ ଅଂଶୁଘାତ ଜନିତ ପରିସ୍ଥିତିକୁ ସଫଳତାର ସହ ମୁକାବିଲା କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

# ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ସଚେତନତା କାର୍ଯ୍ୟକ୍ରମ

ଗୁଣୁପୁର,୭ ।୩ (ନିପ୍ର): ସ୍ଥାନୀୟ ଜିଆଇଇଟି ବିଶ୍ୱବିଦ୍ୟାଳୟର ଆଭ୍ୟନ୍ତରୀଣ ଅଭିଯୋଗ କମିଟି ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ "ମହିଳା ସ୍ୱାସ୍ଥ୍ୟ: ସର୍ଭାଇକାଲ୍ କ୍ୟାନ୍ସର ପ୍ରତିରୋଧ ଏବଂ ଏଚ୍‌ପିଭି ଟିକାକରଣର ଭୂମିକା" ବିଷୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମରେ ଆନ୍ଧ୍ର ପ୍ରଦେଶ ଶ୍ରୀକାକୁଲମ୍‌ର କିମ୍ସ ହସ୍ପିଟାଲ୍‌ର ବିଶିଷ୍ଟ ଚିକିତ୍ସକ ଡା. ଡି. ହର୍ଷଭଲ୍ଲୀ ଏବଂ ଡା. ୱାଇ. ଭି. ଏଲ୍. ଭବାନୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସର୍ଭାଇକାଲ୍ କ୍ୟାନ୍ସର ସମ୍ପର୍କିତ ସଚେତନତା, ଏଚ୍‌ପିଭି ଟିକାକରଣର ଗୁରୁତ୍ୱ, ମାସିକ ସ୍ୱାସ୍ଥ୍ୟ, ପୋଷଣ, ମାନସିକ ସ୍ୱାସ୍ଥ୍ୟ ଓ ମହିଳାମାନଙ୍କ ସାମଗ୍ରିକ ସୁସ୍ଥତା ବିଷୟରେ ତଥ୍ୟବହୁଳ ଓ ଗଭୀର ଆଲୋଚନା କରିଥିଲେ । ସମ୍ମାନୀୟ ଅତିଥି ଭାବେ କେ. ଏଲ୍. ବିଶ୍ୱବିଦ୍ୟାଳୟର ପୂର୍ବତନ ଉପାଧ୍ୟକ୍ଷ ଓ ନିର୍ଦ୍ଦେଶକ ପ୍ରଫେସର ଡ.ଜି. ଏଲ୍. ଦତ୍ତ , ଜି ଆଇ ଇ ଟି ବିଶ୍ୱବିଦ୍ୟାଳୟର ଉପସଭାପତି ଡ ଚନ୍ଦ୍ରଧ୍ୱଜ ପଣ୍ଡା , ମହା ନିର୍ଦ୍ଦେଶକ ଡ ଜଗଦୀଶ ପଣ୍ଡା, ରେଜିଷ୍ଟ୍ରାର ଡ ଏ ଏନ୍ ଭି ଜେ ରାଓ ଯୋଗ ଦେଇଥିଲେ ।ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ସଂଯୋଜକା ଡ.ରାଜେଶ୍ୱରୀ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଆଭ୍ୟନ୍ତରୀଣ ଅଭିଯୋଗ ସମିତିର ସହ-ସଂଯୋଜକା ନିତ୍ୟା ବି. ଧନ୍ୟବାଦ ଅର୍ପଣ କରିଥିଲେ । କୃଷି ମହାବିଦ୍ୟାଳୟର ଚତୁର୍ଥ ବର୍ଷର ଛାତ୍ରୀ ସୁଶ୍ରୀ ସଂସ୍କୃତି ଲେଙ୍କା ମଞ୍ଚ ପରିଚାଳନା କରିଥିଲେ ।

# ନିମାପଡ଼ା ତହସିଲର ୨ ଗ୍ରାମକୁ ରାଜସ୍ୱ ମାନ୍ୟତା

ନିମାପଡ଼ା,୭ ।୩(ନି.ପ୍ର.): ନିମାପଡ଼ା ତହସିଲ ଅଧୀନସ୍ଥ ଅଂସାଲୋ ରାଜସ୍ୱ ଗ୍ରାମକୁ ବିଭକ୍ତ କରାଯାଇ ନୀଳଗିରି ସାହିକୁ ନୂତନ ରାଜସ୍ୱ ଗ୍ରାମ ଏବଂ ଆମରଙ୍ଗ ରାଜସ୍ୱ ଗ୍ରାମକୁ ବିଭକ୍ତ କରାଯାଇ ଛବାଟିଆ ଗ୍ରାମକୁ ରାଜସ୍ୱ ଗ୍ରାମ ଭାବେ ଘୋଷଣା କରାଯାଇ ଥିବାରୁ ଗ୍ରାମବାସୀମାନେ ରାଜ୍ୟ ସରକାରଙ୍କୁ ସାଧୁବାଦ ଜଣାଇଛନ୍ତି । ଏହି ଗ୍ରାମ ଦ୍ୱୟକୁ ରାଜସ୍ୱ ଗ୍ରାମ ଭାବେ ଘୋଷଣା ପାଇଁ ପୂର୍ବରୁ ଉଦ୍ୟମ କରାଯାଇଥିଲେ ହେଁ ତାହା ନାଲି ଫିତା ତଳେ ରହି ଯାଇଥିଲା । ଫଳରେ ନୀଳଗିରି ସାହି ଗ୍ରାମବାସୀ ତଥା ନିମାପଡ଼ା ତହସିଲ ମୋହରୀର ସଂଘ ସଭାପତି ବଟକୃଷ୍ଣ ମହାନ୍ତି ଏ ସଂକ୍ରାନ୍ତରେ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଥିଲେ । ଗତ ୨୦୨୪ ମସିହାରେ ଦାୟର ହୋଇଥିବା ମୋକଦ୍ଦମାର ବିଚାର କରି ଚଳିତ ବର୍ଷ ଫେବୃୟାରୀ ମାସରେ ରାୟ ପ୍ରକାଶ ପାଇବାରୁ ପୁରୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଚିଠି ନଂ-୧୧୦/ତା.୦୩.୦୨.୨୦୨୬ ଅନୁଯାୟୀ ଉପର ବର୍ଣ୍ଣିତ ୨ଟି ହାମଲେଟ୍ ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ କରିଛନ୍ତି । ନୀଳଗିରି ସାହି ଗ୍ରାମ୍ୟ କମିଟି ସଭାପତି ବିଜୟ ମହାନ୍ତି, ୱାର୍ଡ଼ ସଭ୍ୟା ପଙ୍କଜିନୀ ବେହେରା, ପୂର୍ବତନ ୱାର୍ଡ଼ ସଭ୍ୟ ବିଷ୍ଣୁ ଚରଣ ବେହେରା ପ୍ରମୁଖ ଏଥି ପାଇଁ ରାଜ୍ୟ ସରକାର, ଉକ୍ତ କାର୍ଯ୍ୟାଳୟ ଏବଂ ଜିଲ୍ଲା ପ୍ରଶାସନକୁ ସାଧୁବାଦ ଜଣାଇଛନ୍ତି ।

# ନାଲକୋ ଗ୍ରାମୀଣ କ୍ରୀଡ଼ା ମହୋତ୍ସବ

ଦାମନଯୋଡି,୭/୩(ନିପ୍ର): ନାଲକୋ ଦାମନଯୋଡି ସ୍ପୋର୍ଟ୍ସ ସେଲ ପକ୍ଷରୁ ଦାମନଯୋଡ଼ିର ପାରିପାର୍ଶ୍ୱିକ ଅଞ୍ଚଳର ୧୫ଟି ବିଦ୍ୟାଳୟର ୨୫୦ ଛାତ୍ରଛାତ୍ରୀଙ୍କୁ ନେଇ ସେକ୍ଟର ୩ ସ୍ଥିତ ନେତାଜୀ ଷ୍ଟାଡିୟମ ଠାରେ ଗ୍ରାମାଞ୍ଚଳ କ୍ରୀଡ଼ା ପ୍ରତିଯୋଗିତା ୨୦୨୫-୨୬ ଅନୁଷ୍ଠିତ ହୋଇଯାଇଛି । ସ୍ପୋର୍ଟସ ସେଲ୍ ଅଧିକାରୀ ଅରୁଣ କୁମାର ମହାନ୍ତିଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ନାଲକୋ ପ୍ରଶାସନିକ ବିଭାଗର ମୁଖ୍ୟ ମହାପ୍ରବନ୍ଧକ ସୁଗତୋ ଆନନ୍ଦ ବସୁ ଉଦ୍ଘାଟନ କରି ସମସ୍ତ ପ୍ରତିଯୋଗୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଏହି ପ୍ରତିଯୋଗିତାରେ ଷଷ୍ଠରୁ ନବମ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ନେଇ କନିଷ୍ଠ ଓ ବରିଷ୍ଠ,ବାଳକ,ବାଳିକା ଏପରି ୪ଟି ବିଭାଗରେ ମୋଟ ୨୪ଟି ଖେଳ ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ପ୍ରକାରର ଦୌଡ଼, ଲମ୍ଫ ଡିଆଁ, ବାଟି ଚାମଚ,ସଟପୁଟ, ଦଉଡ଼ି ଡିଆଁ ଆଦି ଖେଳରେ ଛାତ୍ରଛାତ୍ରୀ ଚିତ୍ତାକର୍ଷକ ଖେଳ ପ୍ରଦର୍ଶନ କରିଥିଲେ । ଉଦ୍ଘାଟନ ସମୟରେ ମହାପ୍ରବନ୍ଧକ କୁନ୍ତଳ ଆନନ୍ଦଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ମାନେ ଉପସ୍ଥିତ ରହି ପ୍ରତିଯୋଗୀ ମାନଙ୍କୁ ଉତ୍ସାହ ପ୍ରଦାନ କରିଥିଲେ । ନାଲକୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅମରେନ୍ଦ୍ର କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିବା ସହିତ ଗାଇଡ଼ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ନିଜ ବକ୍ତବ୍ୟରେ ଇଡି ଶ୍ରୀ ମିଶ୍ର ପ୍ରତିଯୋଗୀଙ୍କୁ ଉତ୍ସାହିତ କରିବା ସହିତ କ୍ରୀଡ଼ା ମାଧ୍ୟମରେ ଜିଲ୍ଲା, ରାଜ୍ୟ ତଥା ଦେଶର ସୁନାମ ବୃଦ୍ଧି କରିବାକୁ ଉପଦେଶ ଦେଇଥିଲେ । ଏହି ପୁରସ୍କାର ବିତରଣ ଉତ୍ସବରେ ନାଲକୋ ମୁଖ୍ୟ ମହାପ୍ରବନ୍ଧକ ସଞ୍ଜୟ ଗୁପ୍ତା,ସ୍ୱରୁପାନନ୍ଦ ମିଶ୍ର,ଦିଲ୍ଲୀପ କୁମାର ବାଗ, ଦୁର୍ଯ୍ୟୋଧନ ବେହେରା, ମନୋରଞ୍ଜନ ପଣ୍ଡା, ପ୍ରମୁଖ ବରିଷ୍ଠ ଅଧିକାରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ । ନାଲକୋ ସ୍ପୋର୍ଟ୍ସ ସେଲ ଅଧିକାରୀ ଅରୁଣ କୁମାର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ପୋଖରୀରେ ବୁଡ଼ି ଯୁବକ ମୃତ

ଭାପୁର,୭ ।୩ (ନିପ୍ର): ଫତେଗଡ଼ ଥାନା ଅନ୍ତର୍ଗତ କଇଁଫୁଲିଆ ଗ୍ରାମ ଉପର ସାହିର ଆର୍ତ୍ତବନ୍ଧୁ ସାହୁଙ୍କ ପୁଅ ପପୁ ସାହୁ (୩୫) ଶନିବାର ଦିନ ସକାଳୁ ନିଜ ଗାଁ ଆଳେଶ୍ୱର ଦେବଙ୍କ ମନ୍ଦିର ପୋଖରୀକୁ ସ୍ନାନ ଶୌଚାଦି କାର୍ଯ୍ୟ କରିବା ପାଇଁ ଯାଇଥିଲେ । ଗାଧୋଇବା ସମୟରେ ପାହାଚ ଶିଉଳିରେ ଗୋଡ଼ ଖସିଯିବାରୁ ଗଭୀର ପାଣି ଭିତରେ ବୁଡି ଯାଇଥିଲେ । ପପୁ ଘରକୁ ଫେରିବାର ବିଳମ୍ବ ଦେଖି ପରିବାର ଲୋକେ ଖୋଜାଖୋଜି କରିବା ସହିତ ପୋଖରୀ ତୁଠରେ ତାଙ୍କର ଚପଲ ଦେଖି ପୋଖରୀ ପାଣି ଭିତରେ ଖୋଜିଥିଲେ । ପାଣି ଭିତରୁ ପପୁଙ୍କୁ ଉଦ୍ଧାର କରି ଭାପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ ମଧ୍ୟ କାର୍ଯ୍ୟରତ ଡାକ୍ତର ପରୀକ୍ଷା ପରେ ମୃତ ଘୋଷଣା କରିବା ସହିତ ଭାପୁର ଆଉଟ ପୋଷ୍ଟ ଅଧିକାରୀଙ୍କୁ ଖବର ଦେଇଥିଲେ । ପୋଲିସ ଅଧିକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଶବ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ଖଣ୍ଡପଡା ପଠେଇଥିଲେ ।ସେ ଅତ୍ୟନ୍ତ ଗରିବ ପରିବାର ହୋଇଥିବାରୁ ପ୍ରଶାସନ ତରଫରୁ ଆର୍ଥିକ ସହାୟତା ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

# ୫୭ତମ ସିଆଇଏସଏଫ୍ ପ୍ରତିଷ୍ଠା ଦିବସରେ ୫୭ୟୁନିଟ ରକ୍ତ ସଂଗ୍ରହ

ଦାମନଯୋଡି, ୭/୩(ନିପ୍ର): ଶିଳ୍ପ ଉଦ୍ୟୋଗ ନାଲକୋ ସୁରକ୍ଷା ଦାୟିତ୍ୱରେ ନିୟୋଜିତ ଥିବା କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବାହିନୀ (ସିଆଇଏସଏଫ୍)ର ୫୭ ତମ ପ୍ରତିଷ୍ଠା ଦିବସ ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ ହୋଇଥିଲା । ବରିଷ୍ଠ କମାଣ୍ଡାଣ୍ଟ ସତ୍ୟଦେବ ଆର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରତିଷ୍ଠା ଦିବସକୁ ଦୃଷ୍ଟିରେ ରଖି ୫୭ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା । କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ହସ୍ପିଟାଲ ରକ୍ତ ଭଣ୍ଡାରର ଡାକ୍ତରଙ୍କ ନେତୃତ୍ୱରେ ରକ୍ତ ସଂଗ୍ରହକାରୀ ଦଳ ରକ୍ତ ସଂଗ୍ରହ କରିଥିଲେ । ବରିଷ୍ଠ କମାଣ୍ଡାଣ୍ଟ ଆର୍ଯ୍ୟ ଦୀପ ପ୍ରଜ୍ଜ୍ୱଳନ କରି କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ଅଗ୍ନିଶମ ବିଭାଗ ର ଡେପୁଟୀ କମାଣ୍ଡାଣ୍ଟ ନରେନ୍ଦ୍ର ସିଂ, ଇନ୍ସପେକ୍ଟର ରଞ୍ଜନ କୁମାର ମହାରଣା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଭାଗିରଥି ସ୍ୱାଇଁ, ତପନ ନାୟକ, ବଳରାମ ନାଥଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ । ଶ୍ରୀ ଆର୍ଯ୍ୟ ନିଜ ଧର୍ମପତ୍ନୀ ଓ ପୁଅଙ୍କ ସହିତ ସପରିବାର ରକ୍ତଦାନ କରିଥିବା ବେଳେ ଓ ଶ୍ରୀ ସିଂ ନିଜ ଧର୍ମପତ୍ନୀଙ୍କ ସହିତ ସପତ୍ନିକ ରକ୍ତଦାନ କରିଥିଲେ ।

# ବିଷାକ୍ତ ଖାଦ୍ୟ ଖାଇ ୪ ଗୁରୁତର

ରାୟଗଡା,୭ ।୩ (ନିପ୍ର): ରାୟଗଡା ଜିଲ୍ଲାର ପଦ୍ମପୁର ବ୍ଲକ ସ୍ଥିତ ଖିଲାପଦାର ଗ୍ରାମରେ ଏକ ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା ଘଟିଛି । ଖବରରୁ ପ୍ରକାଶ ଯେ, ଗୋଟିଏ ପରିବାରର ୪ଜଣ ଖାଦ୍ୟ ଖାଇସାରିବା ପରେ ହଠାତ ଅସୁସ୍ଥତା ଅନୁଭବ କରିଥିଲେ । ତା' ପରେ ପରେ ସେମାନେ ଆକ୍ରାନ୍ତ ହୋଇ ପଡ଼ିଥିଲେ । ଏହି ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ପଡିଥିବା ଖବର ପାଇ ସାହି ପଡିଶା ଲୋକେ ତାଙ୍କୁ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ । ସେଠାରେ ଏହି ଆକ୍ରାନ୍ତ ସଦସ୍ୟଙ୍କ ଚିକିତ୍ସା ଚାଲିଛି । ସେମାନେ ହେଲେ ଉକ୍ତ ଖିଲାପଦାର ଗ୍ରାମର ରଜନୀ ଗମାଙ୍ଗ(୨୭), ମୁକେଶ ଗମାଙ୍ଗ (୨୯), କସ୍ତୁରୀ ଗମାଙ୍ଗ(୨୬)ଓ ତ୍ରିନାଥ ଗମାଙ୍ଗ (୬୦), । ପରିବାର ଲୋକେ ରାତ୍ରି ଭୋଜନରେ ଭାତ, ତରକାରୀ ଖାଇସାରି ଶୋଇବାକୁ ଯାଇଥିଲେ । ଖାଇ ଶୋଇବା ପରେ ଭୋର ସମୟରୁ ସମସ୍ତେ ଝାଡାବାନ୍ତିରେ ଆକ୍ରାନ୍ତ ହୋଇ ଅସୁସ୍ଥତା ଅନୁଭବ କରିଥିଲେ । ତାପରେ ସମସ୍ତ ଆକ୍ରାନ୍ତଙ୍କୁ ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆ ଯାଇ ଭର୍ତ୍ତି କରାଯାଇ ଥିଲା । ହେଲେ ସେମାନେ ଖାଇଥିବା ଖାଦ୍ୟ ଏଭଳି ପ୍ରତିକ୍ରିୟା ହୋଇ ତାର କାରଣ ପରିବାର ଲୋକେ ଜାଣିପାରୁନଥିବା ବେଳେ ପଦ୍ମପୁର ଡାକ୍ତର ଚିନ୍ମୟୀ ସାମଲ ସମସ୍ତଙ୍କୁ ଚିକିତ୍ସା କରିଥିଲେ, ବର୍ତ୍ତମାନ ସମସ୍ତେ ସୁସ୍ଥ ହୋଇ ହୋଇଥିବା ବେଳେ ଆଉ କିଛି ଘଣ୍ଟା ଅବଜରଭେସନରେ ରଖି ଡିସଚାର୍ଜ କରାଯିବ ବୋଲି ଡାକ୍ତର କହିଥିବା ବେଳେ ସମସ୍ତେ ସୁସ୍ଥ ଥିବା କହିଛନ୍ତି ।

# କୋଷାଗୁମୁଡା ଅଞ୍ଚଳରେ ପୁଣି ଚଳଚଞ୍ଚଳ ବାଲି ମାଫିଆ, ପ୍ରଶାସନ ନିରବ !

ନବରଙ୍ଗପୁର,୭ ।୩ (ନିପ୍ର): ଜିଲ୍ଲା କୋଷାଗୁମୁଡ଼ା ବ୍ଲକରେ ପୁଣି ବାଲି ମାଫିଆ ସକ୍ରିୟ ହେଲେଣି ।ଏହି ବ୍ଲକରେ ଦୁଇଟି ପ୍ରମୁଖ ନଦୀ ଇନ୍ଦ୍ରାବତୀ ନଦୀ ଆଉ ଭାସ୍କେଲ ନଦୀ ରହିଛି । ରାଜ୍ୟ ରାଜସ୍ୱ ବିଭାଗ ପକ୍ଷରୁ ଏହି ଦୁଇଟି ନଦୀର ବାଲି ଉଠାଣ ପାଇଁ ବାଲି ଟେଣ୍ଡେର ହୋଇଛି ।କିନ୍ତୁ ବର୍ତ୍ତମାନ ମଧ୍ୟ ଅନେକ ଘାଟରେ ଟେଣ୍ଡର ହୋଇନାହିଁ । ସରକାରଙ୍କ ନିର୍ଦ୍ଦେଶ ରହିଛି ବାଲି ଟେଣ୍ଡର ହୋଇଥିବା ସ୍ଥାନରେ କେବଳ ଶ୍ରମିକ ଲଗାଇ ବାଲି ଉଠାଣ କରାଯିବ । କିନ୍ତୁ ସେହି ସ୍ଥାନ ଗୁଡ଼ିକରୁ ଶ୍ରମିକ ବଦଳରେ ଜେସିବି ମେସିନ ଦ୍ୱାରା ବାଲି ଉଠାଣ କରି ବିଭିନ୍ନ ଗାଡ଼ିରେ ଲୋଡ଼ କରାଯାଉଛି ।



ସେହିଭଳି ବାଲି ଟେଣ୍ଡର ହୋଇନଥିବା ଘାଟରୁ ମଧ୍ୟ ମାଫିଆ ମାନେ ବାଲି ଚୋରା ଚାଲାଣ କରାଛନ୍ତି । ଏଭଳି ଘଟଣା ବର୍ତ୍ତମାନ ଆଟିଗାଁ ପଞ୍ଚାୟତ ଗୋଟିବେଡା ନଦୀ ଘାଟ ନିକଟରେ ଦେଖିବାକୁ ମିଳିଛି । ସ୍ଥାନୀୟ କିଛି ବାଲି ମାଫିଆ ଟ୍ରାକ୍ଟର ଏବଂ ଟିପର ସାହାଯ୍ୟରେ ଦିନ ରାତି ବାଲି ବୋଝେଇ କରି ବେନିୟମ ଭାବେ ଚୋରି କରିବା ସାଧାରଣରେ ବୁଦ୍ଧିଜୀବୀ ମାନେ ଅଭିଯୋଗ କରିଛନ୍ତି ।

ସ୍ଥାନୀୟ ମାଇନିଂ ବିଭାଗ ଓ ରାଜସ୍ୱ ବିଭାଗ ପାଖରେ ଏହି ସବୁ ଖବର ଥିଲେ ମଧ୍ୟ ବାଲି ଚୋରା ଚାଲାଣକାରୀଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନାହାନ୍ତି ବୋଲି ସାଧାରଣ ଅଭିଯୋଗ ହୋଇଛି ।

ସେହିପରି ବାଲି ଲିଜ ନେଇଥିବା ଲିଜଧାରୀ ମାନେ ଯେଉଁ ସ୍ଥାନରେ ବାଲି ଉଠାଇବା ପାଇଁ ନିର୍ଦ୍ଦେଶ ରହିଥିଲେ ତାହା ପାଳନ ନକରି ମନଇଚ୍ଛା ବାଲି ଉଠାଉଥିବା ଅଞ୍ଚଳରେ ଅଭିଯୋଗ ହୋଇଛି । ଗୋଟିଏ ରୟାଲଟି କାଟି ଅନେକ ଗାଡ଼ିରେ ବାଲି ଚାଲାଣ ହେଉଛି । ଏହାକୁ ନେଇ ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି । ବର୍ତ୍ତମାନ ଖରା ଦିନ ନଦୀରେ ପାଣି କମରହି ଥିବାର ସୁଯୋଗ ନେଇ କିଛି ବାଲି ମାଫିଆ ମାନେ ବିଭିନ୍ନ ସ୍ଥାନରେ ବାଲି ସବୁ ଗଛିତ ରଖିଥିବା ବେଳେ ଏହା ସମ୍ପୂର୍ଣ୍ଣ ବେନିୟମ କାର୍ଯ୍ୟ , ଏଥିପ୍ରତି କାହାର ଦୃଷ୍ଟି ପଡୁ ନାହିଁ । ଏଣୁ ଜିଲ୍ଲା ପ୍ରଶାସନ ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଇ ବାଲି ମାଫିଆଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବ୍ଲକବାସୀ ଦାବି କରିଛନ୍ତି ।କାରଣ କିଛି ଦିନ ପୂର୍ବେ ସନ୍ତସପୁର ନିକଟ ଭାସ୍କେଲ ନଦୀରୁ ବାଲି ଚାରା ଚାଲାଣ ଖବର ପ୍ରସାରଣ ହୋଇଥିଲା ତଥାପି ସ୍ଥାନୀୟ ପ୍ରଶାସନ ଏବଂ ମାଇନ୍ସ ବିଭାଗ କୌଣସି ଆଖିଦୃଶିଆ ପଦକ୍ଷେପ ନେଇନଥିଲେ ।

# ପୁରୀକୁ ବିକଶିତ ତଥା ସମୃଦ୍ଧ ଜିଲ୍ଲାରେ ପରିଣତ କରିବାକୁ ସହଯୋଗ ଲୋଡ଼ିଲେ

ପୁରୀ,୭ ।୩ (ନିପ୍ର): ପୁରୀ ଜିଲ୍ଲା ପରିଷଦର ଅଷ୍ଟମ ବୈଠକ ଜିଲ୍ଲା ପରିଷଦ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲା ପରିଷଦର ସଭାପତି ସ୍ୱପ୍ନାରାଣୀ ସ୍ୱାଇଁ ଜିଲ୍ଲା ପରିଷଦ ଗ୍ରାମର ସାଧାରଣ ଲୋକଙ୍କ ମୌଳିକ ଆବଶ୍ୟକତା ପୂରଣ ପାଇଁ ଏକ ବଡ ଫୋରମ ।ତେଣୁ ସଦସ୍ୟ ମାନଙ୍କ ମତାମତକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିବା ସହ ପୁରୀକୁ ଏକ ବିକଶିତ ଓ ସମୃଦ୍ଧ ଜିଲ୍ଲାରେ ପରିଣତ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ,କାକଟପୁର ବିଧାୟକ ତୁଷାର କାନ୍ତି ବେହେରା, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର,ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ସ୍ୱାଧୀନ କୁମାର ନାୟକ, ଡିଏଫଓ ଧନଜ ମଗର ରାକସ,ଚିଲିକା ଡିଏଫଓ ଅମ୍ଲାନ ନାୟକ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିବା ସହ ଲୋକମାନଙ୍କ



ଆବଶ୍ୟକତା ପୂରଣ ପାଇଁ ବିବିଧ ପରାମର୍ଶ,କାର୍ଯ୍ୟ ସମ୍ପାଦନ ସମୟର ସମସ୍ୟା ଓ ସମାଧାନ ପାଇଁ ପ୍ରସ୍ତାବ ମାନ ଦେଇଥିଲେ ।ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ସମସ୍ତଙ୍କୁ ସ୍ୱାଗତ ସହ ବିଭିନ୍ନ ବିଭାଗର ସ୍ଥିତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ ।ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡ. ଶରତ ଚନ୍ଦ୍ର ମହାପାତ୍ର କାର୍ଯ୍ୟସୂଚୀ ଅନୁସାରେ ବୈଠକ ପରିଚାଳନା କରିଥିଲେ । ଶିକ୍ଷା ବିଭାଗ ,କୃଷି ବିଭାଗ,ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ, ଗ୍ରାମ୍ୟ ନିର୍ମାଣ, ଗ୍ରାମୀଣ ପାନୀୟ ଜଳ ଯୋଗାଣ, ଜଳ ସେଚନ,ଜଳ ନିଷ୍କାସନ, ଯୋଗାଣ ବିଭାଗ, ମତ୍ସ୍ୟ ବିଭାଗ, ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗ, ବିଦ୍ୟୁତ ବିଭାଗ, ସମାଜ କଲ୍ୟାଣ ବିଭାଗ, ସାମାଜିକ ସୁରକ୍ଷା ବିଭାଗ,ଶିଳ୍ପ ବିଭାଗ, ବନ ବିଭାଗ, ସମବାୟ ବିଭାଗ,ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ଗ୍ରାମୀଣ ଆବାସ, ସ୍ୱଚ୍ଛ ପରିମଳ, ଯୋଜନା ଓ ପର୍ଯ୍ୟବେକ୍ଷଣ ବିଭାଗ, ଜିଲ୍ଲା ମଙ୍ଗଳ ବିଭାଗ ସମ୍ପର୍କରେ ଆଲୋଚନା କରାଯାଇଥିଲା । ପୁରୀ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ସ୍ଥାନାନ୍ତର ସମ୍ପର୍କରେ ବିଭିନ୍ନ ସାମାଜିକ ଓ ଗଣମାଧ୍ୟମର ସୂଚନା ସମ୍ପର୍କରେ ଗୃହ କୁ ଅବଗତ କରାଇ ଉପାଧ୍ୟକ୍ଷ ଶ୍ରୀ ନାୟକ ଏହାକୁ ସ୍ଥାନାନ୍ତର ନ କରିବାକୁ ପ୍ରସ୍ତାବ ଦେଇଥିଲେ ଯାହାକୁ ସମସ୍ତ ସଦସ୍ୟ ମାନେ ସମର୍ଥନ ଜଣାଇଥିଲେ ।

# ଆଞ୍ଚଳିକ ଦୋଳ ମହୋତ୍ସବ ଉଦ୍‌ଯାପିତ

## ଭାଇଚାରା ଓ ପରମ୍ପରାକୁ ଆଗକୁ ବଢ଼ାଇବାରେ ଉତ୍ସବ ଏକ ମାଧ୍ୟମ

ନିରାକାରପୁର,୭ ।୩ (ନିପ୍ର): ଉତ୍କଳୀୟ ପରମ୍ପରା , ଲୋକକଳା ଓ ଭାଇଚାରା ଆଗାମୀ ଦିନଗୁଡ଼ିକରେ ଆଗକୁ ବଢ଼ାଇବାକୁ ମାଧ୍ୟମ ସାଜିଛି ବୋଲି ଆଜି ଲଡୁକେଶ୍ୱର ଦେବ ଆଞ୍ଚଳିକ ଦୋଳ ମହୋତ୍ସବ ଉଦ୍‌ଯାପିତ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଲେଣ୍ଡୋ ଲଦୁକେଶ୍ୱରଙ୍କ ପୀଠରେ ଆଞ୍ଚଳିକ ଦୋଳ ମହୋତ୍ସବ କମିଟି ଦ୍ୱାରା ଅନୁଷ୍ଠିତ ତିନି ଦିନିଆ ଏହି ମହୋତ୍ସବର ଉଦ୍‌ଯାପନୀ ଦିବସରେ କମିଟି ସଭାପତି ଶ୍ୟାମ ସୁନ୍ଦର ତ୍ରିପାଠୀ ଅଧ୍ୟକ୍ଷତା କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସମ୍ପାଦକ ମହେନ୍ଦ୍ର କୁମାର ବିଶୋଇ ବାର୍ଷିକ ବିବରଣୀ ପାଠ କରିବା ବେଳେ ମୁଖ୍ୟ ଅତିଥି ଭାବେ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ବିଶିଷ୍ଟ ଅତିଥିଭାବେ ପୂର୍ବତନ ଖୋର୍ଦ୍ଧା ପୂର୍ବତନ ପୌରାଧକ୍ଷା ସଂଯୁକ୍ତ ସାହୁ ,ସମ୍ମାନିତ ଅତିଥି ଭାବେ ସରପଂଚ ବିନୋଦିନୀ ଦାଶ, ଜିଲ୍ଲା ପରିଷଦ ସଭ୍ୟ ବିଜୟ କୁମାର ପାଲଟାସିଂହ, ସମିତି ସଭ୍ୟ ବିକାଶ କୁମାର ନାୟକ, ରାମେଶ୍ୱର ସମିତି ସଭ୍ୟ ରମେଶ ଚନ୍ଦ୍ର ବିଶ୍ୱାଳ ଓ ବିଜେଡି ନେତା ପବିତ୍ର କୁମାର ପାଇକରାୟ ପ୍ରମୁଖ ଯୋଗଦେଇ ଯୁବ ସମାଜ ପାଶ୍ଚାତ୍ୟ ପରମ୍ପରା ଠାରୁ ଦୂରେଇ ଭାରତୀୟ ପରମ୍ପରାକୁ ଆପଣଇଲେ ଆମ ସଂସ୍କୃତି ବଞ୍ଚି ରହିବ ବୋଲି ମତବ୍ୟକ୍ତ କରିଥିଲେ । ମଞ୍ଚକୁ ପ୍ରଶାନ୍ତ କୁମାର ପାଟ୍ଟଶାଣୀ ପରିଚାଳନା କରିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତି ପ୍ରମୁଖଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ମାନୀତ କରାଯାଇଥିଲା । ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା କଳାକାରମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏହି ଦୋଳ ପଡିଆରେ ବିଭିନ୍ନ ଦୋକାନବଜାର ଖୋଲା ଯାଇଥିବାବେଳେ ବହୁ ଜନସମାଗମ ହୋଇଥିବାର ଦେଖାଯାଇଥିଲା । ଏହି କାର୍ଯ୍ୟକ୍ରମରେ କମିଟିର ସମସ୍ତ ସଭ୍ୟ ସହଯୋଗ କରିଥିଲେ ।

# କୁଚିଣ୍ଡା, ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର

କୁଚିଣ୍ଡା,୭ ।୩ (ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବରିଷ୍ଠ ନାଗରିକ ସଂଘ ପକ୍ଷରୁ ବୁର୍ଲା ମେଡ଼ିକାଲ ଓ ପୁରୀ ଧାମକୁ ବସ୍ ସଂଯୋଗ ପାଇଁ ସମ୍ବଲପୁର ଜିଲ୍ଲାପାଳ ଏବଂ କୁଚିଣ୍ଡାକୁ ଜିଲ୍ଲା ଘୋଷଣା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର କୁଚିଣ୍ଡା ଉପଜିଲ୍ଲାପାଳ ସରୱନନ୍ ସ ଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । କୁଚିଣ୍ଡା ଏକ ଆଦିବାସୀ ଅଧ୍ୟୁଷିତ ଉପଖଣ୍ଡ ଅଟେ । ଅଞ୍ଚଳର ଜନସାଧାରଣଙ୍କ ଡାକ୍ତରୀ ଚିକିତ୍ସା ନିମନ୍ତେ ବୁର୍ଲା ଭୀମସାର ମେଡ଼ିକାଲ ଉପରେ ସମ୍ପୂର୍ଣ୍ଣ ଭାପେ ନିର୍ଭର କରନ୍ତି । ତେଣୁ କୁଚିଣ୍ଡାରୁ ସିଧା ସଳଖ ବୁର୍ଲାକୁ ଯାତାୟାତ ନିମନ୍ତେ ବସ ସୁବିଧା ନ ଥିବାରୁ ରୋଗୀ ଏବଂ ଜନସାଧାରଣ ସମ୍ବଲପୁରରୁ ବସ୍ ପରିବର୍ତ୍ତନ କରି ବୁର୍ଲାକୁ ଯାଉଛନ୍ତି । ସେହିପରି କୁଚିଣ୍ଡାରୁ ପୁରୀ ଜଗନ୍ନାଥ ଧାମକୁ ସିଧା ସଳଖ ବସ ସୁବିଧା ନ ଥିବାରୁ ଜନ ସାଧାରଣ କୁଚିଣ୍ଡାରୁ ଭୁବନେଶ୍ୱର ଯାଇ ସେଠାରୁ ବସ ପରିବର୍ତ୍ତନ କରି ପୁରୀକୁ ଯାଉଛନ୍ତି । ତେଣୁ କୁଚିଣ୍ଡାରୁ ବୁର୍ଲା ଓ କୁଚିଣ୍ଡାରୁ ଜଗନ୍ନାଥ ଧାମକୁ ସିଧା ସଳଖ ଯାତାୟାତ ପାଇଁ ସରକାରୀ ଅଥବା ବେସରକାରୀ ବସର ସୁବିଧା କରାଯିବାକୁ ଦାବି କରାଯାଇଛି । ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦତ୍ତ ଦାବିପତ୍ରରେ କୁଚିଣ୍ଡାକୁ ତୁରନ୍ତ ଜିଲ୍ଲା ଘୋଷଣା କରିବାକୁ ଉଲ୍ଲେଖ କରାଯାଇଛି । ଯେହେତୁ ନୂତନ ଜିଲ୍ଲା ପାଇଁ କୁଚିଣ୍ଡାର ଜନସଂଖ୍ୟା, ଭୌଗୋଳିକ କ୍ଷେତ୍ର, ସାମାଜିକ ଓ ସାଂସ୍କୃତିକ ପୃଷ୍ଠଭୂମି, ପ୍ରଶାସନିକ ବ୍ୟବସ୍ଥା କାରଣରୁ ଏକ ପୃଥକ ଜିଲ୍ଲା ହେବା ପାଇଁ ସମସ୍ତ ଯୋଗ୍ୟତା ହାସଲ କରିଛି । କୁଚିଣ୍ଡାରୁ ସମ୍ବଲପୁର ଜିଲ୍ଲା ମୁଖ୍ୟାଳୟର ଦୂରତା ପ୍ରାୟ ୭୦ କିଲୋମିଟରୁ ୧୫୦ କିଲୋମିଟରର ଅଟେ । ତେଣୁ କୁଚିଣ୍ଡାବାସୀ ଦୂରତା ଦୃଷ୍ଟିରୁ ବିଭିନ୍ନ ସମୟରେ ନାନାଦି ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ତେଣୁ ତୁରନ୍ତ ଜିଲ୍ଲା ଘୋଷଣା ପାଇଁ ଏଥିରେ ଦର୍ଶାଯାଇଛି । କୁଚିଣ୍ଡା ଉପଜିଲ୍ଲାପାଳ ସରୱନନ୍ ସଙ୍କୁ ଦାବିପତ୍ର ପ୍ରଦାନ ସମୟରେ ବରିଷ୍ଠ ନାଗରିକ ସଂଘ ସଭାପତି ଧିରେନ୍ଦ୍ର କୁମାର ମହାନ୍ତି,ସାଧାରଣ ସମ୍ପାଦକ ଜନ କାମିଲ ଲାକ୍ରା, ଆଇନଜୀବୀ ପ୍ରମୋଦ ଛୁରିଆ, ପ୍ରଫୁଲ୍ଲ କୁମାର ସାହୁଙ୍କ ସମେତ ସଂଘ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

# ଟାଟା ପାୱାର କର୍ମଚାରୀଙ୍କ ଶବ ସନ୍ଦେହଜନକ ଅବସ୍ଥାରେ ମିଳିଲା

କେନ୍ଦୁଝର,୭ ।୩ (ନିପ୍ର): କେନ୍ଦୁଝର ସହର ଜୁଡ଼ିଆ ପାଖରେ ଥିବା ସାମଲ ଅଟୋମୋବାଇଲ ନିକଟରୁ ଆଜି କେନ୍ଦୁଝର ବିଦ୍ୟୁତ ଡିଭିଜନର ସେକସନ ୧ରେ କାର୍ଯ୍ୟରତ ଟାଟା ପାୱାର କର୍ମଚାରୀ ଦେବାଶିଷ ସ୍ୱାଇଁଙ୍କ ଶବ ଅତି ରହସ୍ୟଜନକ ଅବସ୍ଥାରେ ଉଦ୍ଧାର ହୋଇଛି । ଫ୍ଲାଇ ଓଭର ପାଖରେ ଥିବା ଏକ ମାଟି ରାସ୍ତାରେ ସ୍କୁଟର ସାଇଡ ଷ୍ଟାଣ୍ଡ ମରା ହୋଇଥିବା ଅବସ୍ଥାରେ ସେଠାରେ ଶ୍ରୀ ସ୍ୱାଇଁ ଆଗକୁ ମରି ଝୁଲିଥିବା ଅବସ୍ଥାରେ ମିଳିଛନ୍ତି । ସେ ଉଦ୍ଧାର ବେଳେ ସିଟରେ ବସିଥିଲେ ମୁହଁ ଡିସପ୍ଲେ ବୋର୍ଡରେ ଲାଗିଥିଲା ଗାଡ଼ିରେ ଚାବି ଝୁଲୁଥିଲା । ଏହି ଘଟଣା ସହରରେ ଚଞ୍ଚଲ୍ୟ ସୃଷ୍ଟି କରିଛି । କଥା ଉଠିଛି କି ସେହି ଅଞ୍ଚଳ ତାଙ୍କ ଡ୍ୟୁଟି ପରିସର ନଥିବା ବେଳେ ସେଠାକୁ କାହିଁକି ସେ ଯାଇଥିଲେ ।

ଯଦି ହୃଦଘାତ ହେଲା ତେବେ ସାଇଡ ଷ୍ଟାଣ୍ଡ ମାରି ବସି ରହିଥିଲେ ତଳେ ଓହ୍ଲାଇ ନଥିଲେ କିପରି, ତେଣୁ ସନ୍ଦେହ ଅନ୍ୟ ଆଡ଼କୁ ଇଙ୍ଗିତ କରୁଛି । ଟାଉନ ଥାନା ପୋଲିସ ଶବ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରାଇ ଅଧିକ ତଦନ୍ତ କରୁଥିବା ଜଣାଯାଇଛି । ଏହିପରି ଅକାଳ ମୃତ୍ୟୁ ନେଇ ଶ୍ରୀ ସ୍ୱାଇଁଙ୍କ ସହକର୍ମୀ ମାନେ ବ୍ୟଥିତ ହୋଇ ପରିବାର ବର୍ଗଙ୍କୁ ସାନ୍ତ୍ୱନା ଜଣାଇଛନ୍ତି । ତାଙ୍କର ଘର ମୟୂରଭଞ୍ଜ, ବେତନଟୀରେ ହୋଇଥିବା ବେଳେ ଘରେ ବାପାମାଆ, ସ୍ତ୍ରୀ ଓ ଝିଅ ଅଛନ୍ତି ।ତେବେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁ ରହସ୍ୟ ସାମ୍ନାକୁ ଆସିବ ବୋଲି ଆଲୋଚନା ହେଉଛି ।

# ଶିକ୍ଷା କ୍ଷେତ୍ରରେ ପିଲାଙ୍କ ସଂରକ୍ଷଣ ଉପରେ ଆଲୋଚନା

କୁଚିଣ୍ଡା,୭ ।୩ (ନିପ୍ର): ସମ୍ବଲପୁର ଜିଲ୍ଲା ବାଇପାସ୍ ରୋଡ ଘୋଷା ଛକ ନିକଟରେ କୁଚିଣ୍ଡା ବ୍ଲକ ଲକ୍ଷେ ଘର ପାଣ ସମାଜ କଲ୍ୟାଣ କମିଟି ପକ୍ଷରୁ ଶୁକ୍ରବାର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି । କୁଚିଣ୍ଡା ବ୍ଲକ ସଭାପତି ସୋମବାରୁ ବୁଡାଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଞ୍ଚାୟତିରାଜ ମନ୍ତ୍ରୀଙ୍କ ପ୍ରତିନିଧି ଶୁଶିଳ କର, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଚନ୍ଦନ ନିଖଣ୍ଡିଆ ମୁଖ୍ୟବକ୍ତା, ଝାରସୁଗୁଡ଼ା ଅଗ୍ନିଶମ ଅଧିକାରୀ ବିପିନ କିଶୋର କୈଳାସପତି,ବାମରା ବ୍ଲକ ସଭାପତି ଭିକ ନିଖଣ୍ଡିଆ, ଜମନକିରା ସଭାପତି ଦେବାନନ୍ଦ ମୟର, ଅବସରପ୍ରାପ୍ତ ଅଧ୍ୟାପକ ନରେଶ ହଂସ, ମନବୋଧ କଣ୍ଟା,ତ୍ରିନାଥ ଲୁହା, ଗିରିଜା ଶଙ୍କର ପାତ୍ର, ବିନୋଦ ବିହାରୀ ସିଂ,ସଞ୍ଜୟ ମହାନନ୍ଦ, ଗଣେଶରାମ କରାଲି, ନରେଶ ତଣ୍ଡିଆ, ଶରତ ପାଞ୍ଚାଳି,ମହିଳା ସଭାନେତ୍ରୀ ବିନୋଦିନୀ ଭଞ୍ଜ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ଅତିଥି ମାନେ ତାଙ୍କ ବକ୍ତବ୍ୟରେ ଶିକ୍ଷା ଓ ଆର୍ଥିକ ସ୍ଥିତିକୁ ସୁଦୃଢ଼ କରି ଶୃଙ୍ଖଳିତ ସମାଜ ଗଠନ ହେଲେ ଯାଇ ପାଣ ସମାଜର ସାମୂହିକ ବିକାଶ ସମ୍ଭବ ବୋଲି କହିଥିଲେ ।

ଏହାଛଡା ନିଶା ଦ୍ରବ୍ୟ ବର୍ଜନ, ମହିଳା ସଂଗଠନ, ଜଙ୍ଗଲ ଜମି ପଟ୍ଟା, ଶିକ୍ଷା କ୍ଷେତ୍ରରେ ପିଲାଙ୍କ ସଂରକ୍ଷଣ ଉପରେ ସେମାନେ ଆଲୋଚନା କରିଥିଲେ । ବ୍ଲକ ସମ୍ପାଦକ ଲିଙ୍ଗରାଜ ବାଘ ସଭା ପରିଚାଳନା କରିଥିବା ବେଳେ ସହସମ୍ପାଦକ ତ୍ରିନାଥ ଲୁହା ବାର୍ଷିକ ବିବରଣୀ ପଠନ କରିଥିଲେ ।

# ଘରେ ଘରେ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବାରେ 'ଆଶା'ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ରାୟଗଡା,୭ ।୩(ନିପ୍ର);ବିଜୁ ପଟ୍ଟନାୟକ ଅଡିଟୋରିୟମରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି , ରାୟଗଡ଼ ତରଫରୁ ଆଜି ଜିଲ୍ଲାସ୍ତରୀୟ ଆଶା, ଗାଁ କଲ୍ୟାଣ ସମିତି, ଜନ ଆରୋଗ୍ୟ ସମିତି ଏବଂ ମହିଳା ଆରୋଗ୍ୟ ସମିତିର ବାର୍ଷିକ ସମ୍ମିଳନୀ ପାଳନ କରାଯାଉଅଛି । ଏହି ଅବସରରରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଏବଂ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା ସରୋଜିନୀ ଦେବୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ସମ୍ମିଳନୀକୁ ଉଦଘାଟନ କରିଥିଲେ । ଅନ୍ୟ ଅତିଥିବୃନ୍ଦଙ୍କ ମଧ୍ୟରେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ତଥା ଅଧୀକ୍ଷକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ରାୟଗଡ଼ ଡା ପି କେ ମିଶ୍ର, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା ରୁମା ମହାପାତ୍ର, ଅଧିକ୍ଷକ ଉପଖଣ୍ଡ ଚିକିତ୍ସାଳୟ ଡ଼ ଶ୍ରୀକାନ୍ତ କୁମାର ଜେନା , ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. କିଶୋର କୁମାର ବରାଇ , ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ଭେକଟର ବାହିତ ରୋଗ ) ଡ଼ ଶ୍ୟାମ ଚରଣ ଗୁରୁ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ) ଡା ମମତା ଚୌଧୁରୀ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ଯକ୍ଷ୍ମା) ଡା. ପ୍ରଦୀପ୍ତ କୁମାର ସୁବୁଦ୍ଧି, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (କୁଷ୍ଠ ) ଡ଼ ମମତା ସାହୁ,




ଆଡମିନିଷ୍ଟ୍ରେଟିଭି ଅଫିସର ସୁଶ୍ରୀ ଅକ୍ଷମିତା କାର୍ତ୍ତିକ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନର ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ଲକ୍ଷ୍ମୀଧର ମହାପାତ୍ର ଉପସ୍ଥିତ ଥିଲେ । ଆଶା ସଂଯୋଜିକା ରାଜଲକ୍ଷ୍ମୀ ମହାନ୍ତି ଏହି କାର୍ଯ୍ୟକ୍ରମ ପରିଚାଳନା କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ । ଅପହଞ୍ଚ, ଗ୍ରାମାଞ୍ଚଳ ଠାରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ଘରେ ଘରେ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବାରେ ଆଶାମାନଙ୍କ ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । ଗୋଷ୍ଠୀ ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ମଧ୍ୟରେ ସୁ-ସମନ୍ୱୟ ରକ୍ଷାକରି ଉପଲବ୍ଧ ସ୍ୱାସ୍ଥ୍ୟ ସେବାର ପୂର୍ଣ୍ଣ ବିନିଯୋଗ ମାଧ୍ୟମରେ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଉନ୍ନତି ଆଣିବାରେ ଆଶାଙ୍କର ନିରନ୍ତର ପ୍ରୟାସ ଅନସ୍ୱୀକାର୍ଯ୍ୟ । ଜନସାଧାରଣଙ୍କୁ ପ୍ରାଥମିକ ସ୍ୱାସ୍ଥ୍ୟସେବା ଯୋଗାଇଦେବା ସହିତ ସ୍ୱାସ୍ଥ୍ୟ ସୁଚକାଙ୍କରେ ଉନ୍ନତି ଆଣିବା ଦିଗରେ ସେମାନଙ୍କ ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ । ଜନସାଧାରଣଙ୍କ ନିକଟରେ ସ୍ୱାସ୍ଥ୍ୟସେବା ଯୋଗାଇଦେବା ନିମନ୍ତେ ଆଶାକର୍ମୀଙ୍କ ଉତ୍ସର୍ଗୀକୃତ ମନୋଭାବ ପ୍ରଦର୍ଶନ ପୂର୍ବକ ଏହି କାର୍ଯ୍ୟକ୍ରମ ଅବସରରେ ରାୟଗଡ ଜିଲ୍ଲାର ୧୧ ଟି ବ୍ଲକ ତଥା ସହରାଞ୍ଚଳ ରାୟଗଡ଼ ଏବଂ ଗୁଣୁପୁର ର ମୋଟ ୩୬ ଜଣ ଆଶାକର୍ମୀଙ୍କୁ ଶ୍ରେଷ୍ଠ ଆଶା ଭାବେ ମାନପତ୍ର ପ୍ରଦାନ କରାଯିବା ସହିତ ପୁରସ୍କୃତ କରାଯାଇଥିଲା । ସେହିପରି ଭାବେ ୨୭ ଟି ମହିଳା ଆରୋଗ୍ୟ ସମିତି, ୧୧ ଟି ଗ୍ରାମ କଲ୍ୟାଣ ସମିତି ଏବଂ ୧୦ଟି ଜନଆରୋଗ୍ୟ ସମିତିକୁ ମଧ୍ୟ ପୁରସ୍କୃତ କରାଯାଇଥିଲା ।

ସ୍ୱାସ୍ଥ୍ୟ ସେବା ରେ ଜାତୀୟ ଗୁଣବତ୍ତା ରକ୍ଷା କରି ଏନକ୍ୱାସ୍ ମାନପତ୍ର ଲାଭ କରିଥିବା ୧୦ ଟି ସ୍ୱାସ୍ଥ୍ୟ ଉପ କେନ୍ଦ୍ରକୁ ସମ୍ମାନିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମଗ୍ର ଜିଲ୍ଲାରୁ ଆଶାକର୍ମୀଙ୍କ ସମେତ ଗାଁ କଲ୍ୟାଣ ସମିତି, ମହିଳା ଆରୋଗ୍ୟ ସମିତିର କର୍ମକର୍ତ୍ତା ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ସମିତିର କର୍ମଚାରୀ ଉପସ୍ଥିତ ରହିଥିଲେ ।

08 .03.2026.pmd 1 3/7/2026, 4:45 PM

# ମଧ୍ୟପ୍ରାଚ୍ୟ ମହାଯୁଦ୍ଧ

## ଘମାଘୋଟ ଚାଲିଛି ଯୁଦ୍ଧ, ତାଣ୍ଡବ ଦେଖୁଛି ସାରାବିଶ୍ୱ



ନୂଆଦିଲ୍ଲୀ,୭।୩: ମଧ୍ୟପ୍ରାଚ୍ୟରେ ଭୟାନକ ଯୁଦ୍ଧ ଭିତରେ ଇରାନ୍ ଓ ଆମେରିକାର ଜିଦ୍ ଆରମ୍ଭ କରିଛି ନୂଆ ବିବାଦ । ଆମେରିକାର ନିସର୍ତ୍ତ କ୍ଷମା ଦାବିକୁ ଅବାସ୍ତବ କହି ଚୁଟକିରେ ଉଡାଇ ଦେଇଛି ଇରାନ୍ । ଏପଟେ ଇସ୍ରାଏଲ ଘନଘନ ଆକ୍ରମଣ କରି ତେହେରାନକୁ ଦୋହଲାଇ ଦେଇଛି । ସେପଟେ ଆରବ ଦେଶ ଗୁଡିକ ଇରାନ ଆଗାମୀ ପ୍ରହାରକୁ ସମ୍ଭାଳିବା ପାଇଁ ଆରମ୍ଭ କରିଛନ୍ତି ପ୍ରସ୍ତୁତି । ଇରାନ ଉପରେ ଆମେରିକା ଓ ଇସ୍ରାଏଲର ଆକ୍ରମଣ ଏବେ ସାରା ବିଶ୍ୱକୁ ଅସ୍ଥିରତା ମଧ୍ୟକୁ ଠେଲି ଦେଇଛି । ଇରାନର ରାଷ୍ଟ୍ରପତି ମାସୁଦ ପେଜେସ୍କିଆନଙ୍କ ବୟାନ ଏବେ ବଢାଇଛି ଯୁଦ୍ଧର ଗମ୍ଭୀରତା । ମରିବୁ ପଛେ ଆମେରିକା ଆଗରେ ଆତ୍ମସମର୍ପଣ କରିବୁ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି । ନିଜର ସ୍ୱାଭିମାନ ଆଗରେ ମୃତ୍ୟୁକୁ ସ୍ୱୀକାର କରିବାକୁ ପଣ କରିଛି ଇରାନ । ଦେଶବାସୀଙ୍କୁ ସମ୍ବୋଧନ କରି ଏଭଳି ବାର୍ତ୍ତା ଦେବା ଆମେରିକା ଓ ଇସ୍ରାଏଲର ଚିନ୍ତା ବଢାଇ ଦେଇଛି । ଏଥିସହ ପଡୋଶୀ ଦେଶକୁ ଆକ୍ରମଣ କରିଥିବାରୁ ନିସର୍ତ୍ତ କ୍ଷମା ମାଗିଛନ୍ତି ଇରାନ୍ ରାଷ୍ଟ୍ରପତି । ଏପଟେ ଇରାନ୍ ଆତ୍ମସମର୍ପଣ ନକଲା ପର୍ଯ୍ୟନ୍ତ କୌଣସି ଚୁକ୍ତି ହେବନି କିମ୍ବା ଯୁଦ୍ଧରେ ପୂର୍ଣ୍ଣଛେଦ ପଡିବ ନାହିଁ ବୋଲି କହିଛନ୍ତି ଟ୍ରମ୍ପ । ଏହାରି ଭିତରେ ଇରାନର ନୌସେନାକୁ ସମ୍ପୂର୍ଣ୍ଣ ଭାବେ ଅକାମୀ କରିବାକୁ ଯୋଜନା କରୁଛନ୍ତି ଟ୍ରମ୍ପ । ବିଭିନ୍ନ ସ୍ଥାନରେ ମୁତୟନ ଥିବା ଇରାନୀ ଜାହାଜକୁ ଧ୍ୱଂସ କରିବାକୁ ନିଷ୍ପତ୍ତି ନେଇଛି ଆମେରିକା । ଏପଟେ ଇସ୍ରାଏଲ କିନ୍ତୁ ଯୁଦ୍ଧକୁ ବନ୍ଦ କରିବା ଲକ୍ଷ୍ୟରେ ନାହିଁ ବୋଲି ସ୍ପଷ୍ଟ ହୋଇଛି । ଶୁକ୍ରବାର ରାତିରେ ଇସ୍ରାଏଲର ୮୦ଟି ଯୁଦ୍ଧ ବିମାନ ଇରାନର ରାଜଧାନୀ ତେହରାନରେ ଆକ୍ରମଣ କରିଛନ୍ତି । ବୋମା ଆକ୍ରମଣରେ ତେହେରାନକୁ ଦୋହଲାଇ ଦେଇଛି ଇସ୍ରାଏଲ । ଇରାନର ସୈନ୍ୟ ଠିକଣା ଉପରେ ଶହଶହ ବୋମା ଆକାଶ ମାର୍ଗରୁ ଖସାଇଛି ଆଇଡିଏଫ୍ । ଆମେରିକା ମଧ୍ୟ ଇରାନ ରାଷ୍ଟ୍ରପତିଙ୍କ ଭାଷଣ ପରେ ଆହୁରି ଉଗ୍ର ହୋଇଛି । ଇଂଲଣ୍ଡର ଏକ ଏୟାରବେସରେ ସାଂଘାତିକ ଯୁଦ୍ଧାସ୍ତ୍ର ବି-ଓ୍ୱାନ୍ ଲାନ୍ସର ବୋମାକୁ ସ୍ଥାନାନ୍ତର କରାଯାଇଛି । ବ୍ରିଟିଶ ପ୍ରଧାନମନ୍ତ୍ରୀ କ୍ରିର୍ ଷ୍ଟାରମରଙ୍କ ଅନୁମତି ପରେ ଆମେରିକା ଯୁଦ୍ଧ ମଇଦାନକୁ ଆହୁରି ରକ୍ତାକ୍ତ କରିବାକୁ ଆରମ୍ଭ କରିଛି ଉଦ୍ୟମ । ଫେବୃଆରୀ ୨୮ରୁ ଆରମ୍ଭ ହୋଇଥିବା ଯୁଦ୍ଧ ପରେ ଆମେରିକାର ୧୪ ସୈନ୍ୟ ଠିକଣାକୁ ଧ୍ୱଂସ କରିଛି ଇରାନ ।

## ଇରାନ ଉପରେ ହେବ 'ଭୟଙ୍କର' ଆକ୍ରମଣ: ଟ୍ରମ୍ପ



ୱାଶିଂଟନ/ତେହେରାନ,୭ ।୩: ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ପ୍ରତିଦିନ ଭୟଙ୍କର ରୂପ ନେଉଛି । ମଧ୍ୟପ୍ରାଚ୍ୟର ଅନେକ ସହର ଏହି ସାମରିକ ସଂଘର୍ଷରେ ଛାରଖାର ହୋଇଯାଇଥିବା ବେଳେ, ଏବେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ବଡ଼ ଘୋଷଣା କରି ସାରା ବିଶ୍ୱକୁ ଚକିତ କରିଦେଇଛନ୍ତି । ରାଷ୍ଟ୍ରପତି ଟ୍ରମ୍ପ ସୋସିଆଲ ମିଡିଆ ପୋଷ୍ଟ ଜରିଆରେ ଚେତାବନୀ ଦେଇ କହିଛନ୍ତି, "ଆଜି ଇରାନ ଉପରେ ଏକ ଅତି କଠୋର ଆକ୍ରମଣ କରାଯିବ ।" ସେ ଆହୁରି ମଧ୍ୟ ସଂକେତ ଦେଇଛନ୍ତି ଯେ, ଇରାନର ଖରାପ ବ୍ୟବହାର ଯୋଗୁ ଏବେ ସେହିସବୁ ଅଞ୍ଚଳ ଏବଂ ଗୋଷ୍ଠୀକୁ ଟାର୍ଗେଟ କରାଯିବ, ଯାହା ପୂର୍ବରୁ ଆମେରିକାର ଯୋଜନାରେ ନ ଥିଲା । ଟ୍ରମ୍ପଙ୍କ ଏହି ବୟାନ ପରେ ସମଗ୍ର ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଚରମ ସୀମାରେ ପହଞ୍ଚିଛି । ଟ୍ରମ୍ପ ଦାବି କରିଛନ୍ତି ଯେ, ଆମେରିକା ଏବଂ ଇସ୍ରାଏଲର କ୍ରମାଗତ ଆକ୍ରମଣ ଯୋଗୁ ଇରାନ ଏବେ ଦୁର୍ବଳ ହୋଇପଡ଼ିଛି ।

### ଇରାନ ଜାହାଜକୁ ନେଇ ମୁହଁ ଖୋଲିଲେ ଜୟଶଙ୍କର

## ମାନବିକତା ଦୃଷ୍ଟିକୋଣରୁ ଶରଣ ଦିଆଗଲା



ନୂଆଦିଲ୍ଲୀ,୭।୩: ଇରାନର ଯୁଦ୍ଧଜାହାଜ ଆଇଆରଆଇଏସ୍ ଡେନା ବୁଡ଼ିବା ଏବଂ ଭାରତ ଆଇଆରଆଇଏସ୍ ଲାଭନର ଡକିଂକୁ ଅନୁମତି ଦେବା ସମ୍ପର୍କରେ ବୈଦେଶିକ ମନ୍ତ୍ରୀ ଏସ୍ ଜୟଶଙ୍କର ଶନିବାର ତାଙ୍କର ପ୍ରଥମ ପ୍ରତିକ୍ରିୟା ଦେଇଛନ୍ତି । ଜୟଶଙ୍କର କହିଛନ୍ତି ଯେ, ସମୁଦ୍ର ଆଇନ ଉପରେ ମିଳିତ ଜାତିସଂଘ ସମ୍ମିଳନୀ (ୟୁଏନସିଏଲ୍ଓଏସ୍) ଏବଂ ଅନ୍ତର୍ଜାତୀୟ ଆଇନକୁ ସେ ସମର୍ଥନ କରନ୍ତି । ଏହାସହିତ ମାନବିକତା ଦୃଷ୍ଟିକୋଣରୁ ଆଇଆରଆଇଏସ୍ ଲାଭନକୁ କୋଚିରେ ଡକିଂ କରିବାକୁ ଅନୁମତି ଦିଆଯାଇଥିଲା । 'ରାଏସିନା ଡାୟଲଗ୍ ୨୦୨୬'ର ତୃତୀୟ ଦିନ ଜୟଶଙ୍କର ଏହି ପ୍ରତିକ୍ରିୟା ରଖିଛନ୍ତି । ଆମେରିକା-ଇସ୍ରାଏଲ ମିଳିତ ଭାବେ ଇରାନ ଉପରେ ଆକ୍ରମଣ କରିଥିବାବେଳେ ଏହାର ପ୍ରଭାବ ସାରା ବିଶ୍ୱରେ ପଡ଼ିଛି । ଆମେରିକା ବୁଡ଼ାଜାହାଜ ଶ୍ରୀଲଙ୍କା ଉପକୂଳରେ ଇରାନର ଯୁଦ୍ଧଜାହାଜ ଆଇଆରଆଇଏସ୍ ଡେନାକୁ ଆକ୍ରମଣ କରି ପୂରାପୂରି ନଷ୍ଟ କରିଦେଇଥିଲା । ଏଥିରେ ୮୭ ଇରାନ ନାବିକଙ୍କ ମୃତ୍ୟୁ ହୋଇଥିଲା । ସେବେଠାରୁ ଭାରତ ମହାସାଗରରେ ସୁରକ୍ଷାକୁ ନେଇ ଗମ୍ଭୀର ସଙ୍କଟ ଉତ୍ପନ୍ନ କରିଛି । ପଶ୍ଚିମ ଏସିଆରେ ଉତ୍ତେଜନା ପ୍ରକାଶ ପାଇବା ସମୟରେ ଭାରତ ମହାସାଗରରେ ଆଇଆରଆଇଏସ୍ ଡେନାକୁ ମିଶାଇ ୩ଟି ଇରାନ ଯୁଦ୍ଧଜାହାଜ ରହିଥିଲା । ଏଥିରୁ ଗୋଟିଏ ଜାହାଜ ଆଇଆରଆଇଏସ୍ ଲାଭନକୁ କୋଚିରେ ଡକିଂ କରିବାକୁ ଅନୁମତି ଦିଆଯାଇଥିଲା ଅନ୍ୟଟି ଶ୍ରୀଲଙ୍କା ପହଞ୍ଚି ଯାଇଥିଲା । ଇଣ୍ଟରନାସନାଲ ଫ୍ଲିଟ୍ ରିଭ୍ୟୁରେ ଆଇଆରଆଇଏସ୍ ଲାଭାନ ଅଂଶଗ୍ରହଣ କରି ଫେରିବା ସମୟରେ ଏଥିରେ ବୈଷୟିକ ତ୍ରୁଟି ଦେଖାଯାଇଥିଲା । ଆଇଆରଆଇଏସ୍ ଡେନା ବୁଡ଼ିବା ପୂର୍ବରୁ ଇରାନ ଫେବ୍ରୁଆରି ୨୮ରେ ଆଇଆରଆଇଏସ୍ ଲାଭନକୁ ଭାରତର ବନ୍ଦର ରହିବାକୁ ଅନୁମତି ଦେବାକୁ ଅନୁରୋଧ କରିଥିଲା । ଭାରତ ମାର୍ଚ୍ଚ ୧ ତାରିଖରେ ଏଥିପାଇଁ ଅନୁମତି ଦେଇଥିଲା । ଏଥିରେ ୧୮୩ ଜଣ ନାବିକ ଥିବାବେଳେ ଅଧିକାଂଶ ଯୁବ କ୍ୟାଡେଡ ଥିଲେ ବୋଲି ଜୟଶଙ୍କର କହିଛନ୍ତି । ମାନବିକତା ଦୃଷ୍ଟିକୋଣରୁ ଭାରତ ଏଥିପାଇଁ ଅନୁମତି ଦେଇଥିଲା ବୋଲି ଜୟଶଙ୍କର କହିଛନ୍ତି । ବିଦେଶ ମନ୍ତ୍ରୀ ଜୟଶଙ୍କର କହିଛନ୍ତି, ପଶ୍ଚିମ ଏସିଆ ଓ ସାମୁଦ୍ରିକ କ୍ଷେତ୍ରରେ ବଢୁଥିବା ଉତ୍ତେଜନାକୁ ଦେଖି ଭାରତ ପାଇଁ ଏହାର ନାବିକ ଓ ମର୍ଚ୍ଚାଣ୍ଟ ସିପିଂର ସୁରକ୍ଷା ବଡ଼ ଚିନ୍ତାର ବିଷୟ ହୋଇଛି । ବିଭିନ୍ନ ଦେଶ ଦ୍ୱାରା ପରିଚାଳିତ ବାଣିଜ୍ୟିକ ଜାହାଜରେ ବହୁ ସଂଖ୍ୟକ ଭାରତୀୟ ନାଗରିକ କାମ କରୁଛନ୍ତି । ଏପରି ସ୍ଥିତିରେ ତୈଳ ଟ୍ୟାଙ୍କର କିମ୍ବା ଅନ୍ୟ ମାଲବାହୀ ଜାହାଜ ଉପରେ ଆକ୍ରମଣରେ ଭାରତୀୟଙ୍କ ମୃତ୍ୟୁ ଆଶଙ୍କା ବୃଦ୍ଧି କରୁଛି । ଦୁଇଟି ଜାହାଜ ଉପରେ ଆକ୍ରମଣରେ ଭାରତୀୟଙ୍କ ମୃତ୍ୟୁ ମଧ୍ୟ ହୋଇଛି ବୋଲି ଜୟଶଙ୍କର କହିଥିଲେ ।

### ଆମେରିକାକୁ ଭାରତର କଡ଼ା ଜବାବ

## ରୁଷୀୟ ତୈଳ କ୍ରୟ ପାଇଁ କାହାର ଅନୁମତି ଦରକାର ନାହିଁ

ନୂଆଦିଲ୍ଲୀ,୭।୩ : ଭାରତକୁ ରୁଷ୍ ଠାରୁ ତୈଳ ଆମଦାନୀ କରିବାକୁ ମୁକ୍ତ କରିଥିବା ଆମେରିକାର ଦାବି ଉପରେ ଭାରତ କଡ଼ା ଜବାବ ଦେଇଛି । ଶନିବାର ଭାରତ ସରକାର ସ୍ପଷ୍ଟ କହିଛନ୍ତି , ରୁଷୀୟ ତୈଳ କ୍ରୟ ପାଇଁ କାହାର ଅନୁମତିର ଆବଶ୍ୟକ ନାହିଁ । ଭାରତ କହିଛି ଯେ,ସେ ରୁଷ୍ ଠାରୁ ତୈଳର ଆମଦାନୀ ଜାରି ରଖିବ । ଇରାନ ବିରୋଧରେ ଆମେରିକା ଓ ଇସ୍ରାଏଲର ଆକ୍ରମଣ ବିଶ୍ୱର ଏନର୍ଜି ସେକ୍ଟରକୁ ଓଲଟ ପାଲଟ କରି ଦେଇଛି । ଏଥିରେ ସାରା ବିଶ୍ୱରେ ତୈଳ ଦରରେ ବୃଦ୍ଧି ହୋଇଛି । ଇରାନର ଷ୍ଟ୍ରେଟ୍ ଅଫ୍ ହୋର୍ମୁଜରୁ ଜାହାଜ ଗୁଡ଼ିକୁ ରୋକିବାର ଧମକ ପରେ ଅଶୋଧିତ ତୈଳର ପ୍ରଭାବ ପଡ଼ିଛି । ଭାରତ ସରକାରଙ୍କ ପ୍ରେସ୍ ଇନଫର୍ମେସନ ବ୍ୟୁରୋ ଏକ ବିବୃତ୍ତିରେ କହିଛି ନୂଆ ଦିଲ୍ଲୀ ଏମିତି କ୍ରୟ ପାଇଁ ସର୍ଟ-ଟର୍ମ ଉପରେ ନିର୍ଭରଶୀଳ ନୁହେଁ । ବିବୃତ୍ତିରେ କୁହାଯାଇଛି , ଭାରତ ରୁଷୀୟ ତୈଳ କ୍ରୟ ପାଇଁ କେବେ ବି କୌଣସି ଦେଶର ଅନୁମତି ଉପରେ ନିର୍ଭର କରେ ନାହିଁ । ବିବୃତ୍ତିରେ ଆହୁରି କୁହାଯାଇଛି ଭାରତ ଫେବ୍ରୁଆରୀ ୨୦୨୬ରେ ମଧ୍ୟ ରୁଷିଆ ତୈଳ ଇମ୍ପୋର୍ଟ କରୁଛି ଏବଂ ରୁଷ୍ ଏବେ ମଧ୍ୟ ଭାରତର ସବୁଠୁ ବଡ଼ କ୍ରୁଡ୍ ଅଏଲ ସପ୍ଲାୟର । ୱାଂଶଟନ ଫେବ୍ରୁଆରୀରେ ଏକ ମଧ୍ୟବର୍ତ୍ତୀକାଳୀନ ଟ୍ରେଡ୍ ଡିଲ୍ ଅନୁସାରେ ଭାରତୀୟ ଏକ୍ସପୋର୍ଟ ଉପରେ ୨୫ ପ୍ରତିଶତ ଡ୍ୟୁଟି ଫେରସ୍ତ ନେଇ ଥିଲା, ଯାହାକୁ ସେ ରୁଷିଆ ତୈଳ କିଣିବା ବନ୍ଦ କରିବାକୁ ନୂଆ ଦିଲ୍ଲୀର କମିଟମେଣ୍ଟ ଭାବେ କହିଥିଲା । ବିବୃତ୍ତିରେ କୁହାଯାଇ ଥିଲା ଯେ, ଭାରତ ନିକଟରେ ସର୍ଟ ଟର୍ମ ସ୍ଥିତିରୁ ବର୍ତ୍ତିବା ପାଇଁ ୨୫୦ ମିଲିୟନ ବ୍ୟାରେଲରୁ ଅଧିକ କ୍ରୁଡ୍ ପେଟ୍ରୋଲିୟମ ପ୍ରଡକ୍ଟସର ଭଲ ଷ୍ଟକ୍ ରହିଛି । ହେଲେ ଭାରତ ଶନିବାର ରୋଷେଇ ପାଇଁ ବ୍ୟବହୃତ ଘରୋଇ ଲିକ୍ୱିଫାଇଡ୍ ପେଟ୍ରୋଲିମ ଗ୍ୟାସ୍ (ଏଲପିଜି) ସିଲିଣ୍ଡରର ଦର ୬୦ ଟଙ୍କା ବଢାଇ ଦେଇଛନ୍ତି । ଏହାସହ , କମର୍ସିଆଲ ସିଲିଣ୍ଡରର ଦାମ ମଧ୍ୟ ବୃଦ୍ଧି ଘଟିଛି ।

### ଇସ୍ରାଏଲକୁ ଆମେରିକାର ସାମରିକ ସହାୟତା ଘୋଷଣା

ନୂଆଦିଲ୍ଲୀ,୭।୩: ମଧ୍ୟପ୍ରାଚ୍ୟରେ ଜାରି ରହିଥିବା ଭୟଙ୍କର ଯୁଦ୍ଧ ଆଜି ଅଷ୍ଟମ ଦିନରେ ପହଞ୍ଚିଛି । ଇରାନ ଓ ଆମେରିକା-ଇସ୍ରାଏଲ ମଧ୍ୟରେ ସଂଘର୍ଷ ଚରମ ସୀମାରେ ଥିବାବେଳେ, ଯୁଦ୍ଧ ମଇଦାନରୁ ଏକ ବଡ଼ ଖବର ସାମ୍ନାକୁ ଆସିଛି । ଆମେରିକାର ବୈଦେଶିକ ବିଭାଗ ଇସ୍ରାଏଲକୁ ପ୍ରାୟ ୧୫୧.୮ ମିଲିୟନ୍ ଡଲାରର ମୂଲ୍ୟର ଅସ୍ତ୍ରଶସ୍ତ୍ର ଓ ସାମରିକ ସହାୟତା ପାଇଁ ମଞ୍ଜୁରୀ ଦେଇଛି । ଆମେରିକାର ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ ଏହି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇ କହିଛନ୍ତି ଯେ, ବର୍ତ୍ତମାନର ଜରୁରୀକାଳୀନ ପରିସ୍ଥିତିକୁ ଦୃଷ୍ଟିରେ ରଖି ଇସ୍ରାଏଲକୁ ତୁରନ୍ତ ସାମରିକ ଉପକରଣ ଯୋଗାଇଦେବା ଆବଶ୍ୟକ । ଯୁଦ୍ଧ ଯୋଗୁଁ ଉଭୟ ପକ୍ଷରେ ଅସ୍ତ୍ରଶସ୍ତ୍ରର ଅଭାବ ଦେଖାଦେଇଥିବାରୁ ଆମେରିକାର ଏହି ପଦକ୍ଷେପ ଇସ୍ରାଏଲର ପ୍ରତିରକ୍ଷା ବ୍ୟବସ୍ଥାକୁ ଅଧିକ ଶକ୍ତିଶାଳୀ କରିବ ବୋଲି ଆଶା କରାଯାଉଛି ।

### ରଙ୍ଗ ଫ୍ୟାକ୍ଟ୍ରିରେ ଅଗ୍ନିକାଣ୍ଡ: ୫ ମୃତ

ହରିଆଣା,୭।୩ : ହରିଆଣାର ଜିନ୍ଦ ସ୍ଥିତ ସଫିଡନରେ ଶନିବାର ଦ୍ୱିପ୍ରହରରେ ଭୀଷଣ ଅଗ୍ନିକାଣ୍ଡ ଦେଖିବାକୁ ମିଳିଛି । ହୋଲି ରଙ୍ଗ ଓ ଗୁଲାଲ ତିଆରି କରୁ ଥିବା ଫ୍ୟାକ୍ଟ୍ରିରେ ଭୟଙ୍କର ନିଆଁ ଲାଗି ଯାଇଛି । ଏହି ଭୟାନକ ଦୁର୍ଘଟଣାରେ ଏବେସୁଦ୍ଧା ପାଞ୍ଚ ଜଣ ମହିଳାଙ୍କ ମୃତ୍ୟୁ ହୋଇଥିବା ସୂଚନା ରହିଛି । ୨୦ଜଣ ଶ୍ରମିକ ଭୟଙ୍କର ଭାବେ ଜଳି ଯାଇଛନ୍ତି । ତାଙ୍କୁ ଗୁରୁତର ସ୍ଥିତି କାରଣରୁ ତାଙ୍କୁ ପାନିପତ ହସ୍ପିଟାଲ ରେଫର କରାଯାଇଛି । ଏଥିରେ ମୃତକଙ୍କ ସଂଖ୍ୟା ବଢିବାର ଆଶଙ୍କା କରାଯାଉଛି ।

### କେନିଆରେ ବନ୍ୟା: ୨୩ ମୃତ

ନାଇରୋବି,୭।୩: କେନିଆ ରାଜଧାନୀ ନାଇରୋବିରେ ପ୍ରବଳ ବର୍ଷାରେ ୨୩ ଜଣଙ୍କ ମୃତ୍ୟୁ ଘଟିବା ସହ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଛି । ଶନିବାର ରାସ୍ତାଘାଟ ଜଳାର୍ଣ୍ଣବ ହୋଇଥିବାରୁ ଗାଡ଼ିଚାଳକମାନେ ଅନେକ ଘଣ୍ଟା ଧରି ଅଟକି ରହିଥିଲେ । ଯାତାୟାତରେ ସହାୟତା ଏବଂ ଉଦ୍ଧାର କାର୍ଯ୍ୟରେ ସେନା ମୁତୟନ କରାଯାଇଛି ।

### ସାମ୍ବାଦିକ ହତ୍ୟାକାଣ୍ଡ ମାମଲା

### ନିର୍ଦ୍ଦୋଷରେ ଖଲାସ ହେଲେ ରାମ ରହିମ

ନୂଆଦିଲ୍ଲୀ,୭/୩: ବହୁଚର୍ଚ୍ଚିତ ଛତ୍ରପତି ହତ୍ୟା ମାମଲାରେ ଡେରା ମୁଖ୍ୟ ରାମ ରହିମଙ୍କୁ ଏକ ବଡ଼ ଆଶ୍ୱସ୍ତି ମିଳିଛି । ପଞ୍ଜାବ ଏବଂ ହରିୟାଣା ହାଇକୋର୍ଟ ସିବିଆଇ କୋର୍ଟଙ୍କ ରାୟକୁ ଆଂଶିକ ଭାବରେ ପରିବର୍ତ୍ତନ କରି ଡେରା ମୁଖ୍ୟଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । କୋର୍ଟ ମାମଲାରେ ଦୋଷୀ ସାବ୍ୟସ୍ତ ଅନ୍ୟ ତିନି ଅଭିଯୁକ୍ତ କୁଲଦୀପ, ନିର୍ମଳ ଓ କିଶନ ଲାଲଙ୍କ ଆଜୀବନ କାରାଦଣ୍ଡାଦେଶକୁ କାଏମ୍ ରଖିଛନ୍ତି । ସିରସା ସାମ୍ବାଦିକ ରାମଚନ୍ଦ୍ର ଛତ୍ରପତିଙ୍କୁ ଅକ୍ଟୋବର ୨୦୦୨ରେ ତାଙ୍କ ଘର ବାହାରେ ଗୁଳି କରାଯାଇଥିଲା । ୨୧ ନଭେମ୍ବର ୨୦୦୨ରେ ତାଙ୍କର ମୃତ୍ୟୁ ହୋଇଥିଲା । ୨୦୧୯ରେ ସିବିଆଇ କୋର୍ଟ ଏହି ମାମଲାରେ ରାମ ରହିମଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ । ପ୍ରମାଣ ଅଭାବରୁ ମିଳିଲା ଜାମିନ୍- ସିବିଆଇ ସ୍ୱତନ୍ତ୍ର କୋର୍ଟଙ୍କ ରାୟ ବିରୋଧରେ ଅଭିଯୁକ୍ତମାନଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆବେଦନର ଶୁଣାଣି କରି ହାଇକୋର୍ଟ ରାୟ ଶୁଣାଇଛନ୍ତି ।

### ସାଉଦି ଆରବର ପ୍ରତିରକ୍ଷା ମନ୍ତ୍ରୀଙ୍କୁ ସାକ୍ଷାତ କଲେ ମୁନିର

ଇସଲାମାବାଦ,୭।୩ : ପାକିସ୍ତାନର ସେନା ମୁଖ୍ୟ ଅସୀମ ମୁନିର ସାଉଦି ଆରବର ପ୍ରତିରକ୍ଷା ମନ୍ତ୍ରୀ ପ୍ରିନ୍ସ ଖାଲିଦ ବିନ୍ ସଲମାନଙ୍କୁ ଭେଟିଛନ୍ତି । ରିୟାଦରେ ଅନୁଷ୍ଠିତ ଏହି ବୈଠକ ପଶ୍ଚିମ ଏସିଆରେ ବଢୁଥିବା ଉତ୍ତେଜନା ଉପରେ କେନ୍ଦ୍ରିତ ଥିଲା । ଇରାନ ଗଲ୍ଫ ଦେଶଗୁଡ଼ିକରେ ଥିବା ଆମେରିକୀୟ ସାମରିକ ଘାଟି ଉପରେ ଆକ୍ରମଣ କରିଛି । କିନ୍ତୁ ଏବେ ଇରାନ୍ ରାଷ୍ଟ୍ରପତି ମସୁଦ ପେଜେସ୍କିଆନ ନିଜର ପଡ଼ୋଶୀ ଦେଶଙ୍କ ଉପରେ ଆକ୍ରମଣ କରିବେ ନାହିଁ ବୋଲି ଘୋଷଣା କରିସାରିଛନ୍ତି । ତେବେ ଇରାନ୍ ଇସ୍ରାଏଲ ଏବଂ ଆମେରିକାର ଆକ୍ରମଣର ପ୍ରତିଶୋଧ ସ୍ୱରୂପ ଗଲ୍ଫ ଦେଶଗୁଡ଼ିକ ଉପରେ ଆକ୍ରମଣ କରିଥିଲା ।

## ଅଳ୍ପକେ ବର୍ତ୍ତିଲେ ୟୁପି ଡେପୁଟି ସିଏମ୍

### ହେଲିକପ୍ଟରରେ ଭରିଗଲା ଧୂଆଁ, ଲକ୍ଷ୍ନୌରେ ଏମରଜେନ୍ସି ଲ୍ୟାଣ୍ଡିଂ



ଲକ୍ଷ୍ନୌ,୭।୩: ଉତ୍ତରପ୍ରଦେଶ ଉପମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ଆଜି ଏକ ବଡ଼ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ଉଡ଼ାଣ ଭରିବାର କିଛି ସମୟ ପରେ ତାଙ୍କ ହେଲିକପ୍ଟରରେ ଯାନ୍ତ୍ରିକ ତ୍ରୁଟି ଦେଖାଦେବାରୁ ଲକ୍ଷ୍ନୌର ଅମୌସୀ ବିମାନବନ୍ଦରରେ ଏହାର ଜରୁରୀକାଳୀନ ଅବତରଣ କରାଯାଇଛି । ସୂଚନା ଅନୁଯାୟୀ, ଉପମୁଖ୍ୟମନ୍ତ୍ରୀ ଲକ୍ଷ୍ନୌର ଲା-ମାର୍ଟ୍ସ ପଡ଼ିଆରୁ କୌଶାମ୍ବୀ ଯିବା ପାଇଁ ହେଲିକପ୍ଟରରେ ବାହାରିଥିଲେ । ମାତ୍ର ଆକାଶ ମାର୍ଗରେ ଥିବାବେଳେ ହଠାତ୍ ହେଲିକପ୍ଟର କ୍ୟାବିନ୍ ଭିତରେ ପ୍ରବଳ ଧୂଆଁ ଭରିଯାଇଥିଲା । ଏଥିସହିତ ପାଇଲଟଙ୍କ ସାମ୍ନାରେ ଥିବା ଡିସପ୍ଲେ ମଧ୍ୟ ହଠାତ୍ ବନ୍ଦ ହୋଇଯାଇଥିଲା । ଏହାକୁ ଦେଖି ହେଲିକପ୍ଟର ଭିତରେ ଥିବା ସମସ୍ତ ଯାତ୍ରୀ ଓ କର୍ମଚାରୀ ଆତଙ୍କିତ ହୋଇପଡ଼ିଥିଲେ । ସ୍ଥିତିର ଗମ୍ଭୀରତାକୁ ଦୃଷ୍ଟିରେ ରଖି ପାଇଲଟ୍ ତୁରନ୍ତ ଲକ୍ଷ୍ନୌ ଏଟିସି ସହ ଯୋଗାଯୋଗ କରିଥିଲେ ଏବଂ ଅମୌସୀ ବିମାନବନ୍ଦରରେ ଅବତରଣ ପାଇଁ ଅନୁମତି ମାଗିଥିଲେ । ସୂଚନା ପାଇବା ମାତ୍ରେ ବିମାନବନ୍ଦରରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା ଏବଂ ହେଲିକପ୍ଟରଟି ସୁରକ୍ଷିତ ଭାବେ ଓହ୍ଲାଇଥିଲା । ହେଲିକପ୍ଟର ଅବତରଣ କରିବା ମାତ୍ରେ ସୁରକ୍ଷା କର୍ମୀ ଓ ବୈଷୟିକ ଟିମ୍ ଉପମୁଖ୍ୟମନ୍ତ୍ରୀଙ୍କୁ ସୁରକ୍ଷିତ ଭାବେ ବାହାରକୁ ଆଣିଥିଲେ ।

### ଯୁଦ୍ଧ ଯୋଗୁଁ ଅଶୋଧିତ ତେଲ ଦର ଆକାଶଛୁଆଁ



ନୂଆଦିଲ୍ଲୀ,୭।୩ : ତେଲ ଦରରେ ନିଆଁ । ୯୦ ଡଲାର ପାର୍ କଲା ଅଶୋଧିତ ତେଲ । ବଢ଼ିପାରେ ପେଟ୍ରୋଲ-ଡିଜେଲ ଦାମ୍ । ଇରାନ ସହ ଚାଲିଥିବା ଯୁଦ୍ଧ ଯୋଗୁଁ ବିଶ୍ୱ ବଜାରରେ ଅଶୋଧିତ ତେଲ ଦର ଆକାଶଛୁଆଁ । ବ୍ରେଣ୍ଟ କ୍ରୁଡ୍ ର ମୂଲ୍ୟ ବ୍ୟାରେଲ ପିଛା ୯୦ ଡଲାର ଟପିଛି, ଯାହା ଗତ ଦୁଇ ବର୍ଷ ମଧ୍ୟରେ ସବୁଠାରୁ ଅଧିକ । ବ୍ରେଣ୍ଟ କ୍ରୁଡ୍ ଦର ୮.୫୨% ବଢ଼ି ୯୨.୬୯ ଡଲାରରେ ପହଞ୍ଚିଥିବା ବେଳେ ଆମେରିକୀୟ ଡବ୍ଲୁଟିଆଇ ତେଲ ଦର ୧୨% ବୃଦ୍ଧି ପାଇ ୯୦.୯୦ ଡଲାର ହୋଇଛି । ୧୯୮୩ ପରଠାରୁ ଗୋଟିଏ ସପ୍ତାହରେ ସବୁଠାରୁ ବଡ଼ ବୃଦ୍ଧି । ବିଶ୍ୱର ୨୦% ତେଲ 'ଷ୍ଟ୍ରେଟ୍ ଅଫ୍ ହରମୁଜ୍' ଦେଇଯାଏ । ଯୁଦ୍ଧ ଯୋଗୁଁ ସେଠାରେ ଜାହାଜ ଚଳାଚଳ ପ୍ରାୟ ବନ୍ଦ ହୋଇଛି । ଇରାନର ଆକ୍ରମଣ ଭୟରେ ତେଲ ବୋଝେଇ ଜାହାଜଗୁଡ଼ିକ ଯାଇପାରୁ ନାହିଁ । ତେଲ ଦର ବଢ଼ିବା ଯୋଗୁଁ ଆମେରିକାରେ ପେଟ୍ରୋଲ ଓ ଡିଜେଲ ଦାମ୍ ୧୦% ବଢ଼ିଛି । ପ୍ରଭାବରେ ସାରା ବିଶ୍ୱରେ ମୁଦ୍ରାସ୍ଫୀତି ବା ମହଙ୍ଗା ମାଡ଼ ଆଶଙ୍କା ଦେଖାଦେଇଛି । ଯଦି ଯୁଦ୍ଧ ଥମେ ନାହିଁ, ତେବେ ତେଲ ଦର ବ୍ୟାରେଲ ପିଛା ୧୦୦ରୁ୧୫୦ ଡାଲର ପର୍ଯ୍ୟନ୍ତ ଯାଇପାରେ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି । ସେହିପରି ପାକିସ୍ତାନରେ ପେଟ୍ରୋଲ ଓ ଡିଜେଲର ମୂଲ୍ୟ ୫୫ଟଙ୍କା ବୃଦ୍ଧି ପାଇଛି । ଶୁକ୍ରବାର ବିଳମ୍ବିତ ରାତିରେ ତିନି ଜଣ କେନ୍ଦ୍ରୀୟ ମନ୍ତ୍ରୀ ଏହି ଦର ବୃଦ୍ଧି ନେଇ ଘୋଷଣା କରିଛନ୍ତି ।

### ବିକ୍ରି ହେବ ୧୭୦ ବର୍ଷର ଖବର କାଗଜ

ନୂଆଦିଲ୍ଲୀ,୭।୩: ବିକ୍ରି ହୋଇଯିବ ୧୭୦ ବର୍ଷ ପୁରୁଣା ଖବର କାଗଜ କମ୍ପାନି ଡେଲି ଟେଲିଗ୍ରାଫ୍ । ଲଣ୍ଡନର ଡେଲି ଗ୍ରାଫକୁ ପ୍ରାୟ ୭ ହଜାର କୋଟି ଟଙ୍କାରେ କ୍ରୟ କରିବାକୁ ଯାଉଛି ଜର୍ମାନୀର ସର୍ବବୃହତ୍ତ ଖବର ପ୍ରକାଶକ । ଜର୍ମାନ ମାସ୍-ମାର୍କେଟ୍ ଟାବଲଏଡ୍ ବିଲ୍ଡ ଏବଂ ବ୍ରଡସିଟ୍ ଡାଏ ୱେଲ୍ଟର ଆକ୍ସେଲ ସ୍ପ୍ରିଞ୍ଜର ୧୭୦ ବର୍ଷ ପୁରୁଣା ବ୍ରିଟିଶ ଖବରକାଗଜକୁ କିଣିବା ପାଇଁ ୫୭୫ ନିୟୁତ ପାଉଣ୍ଡ (ପ୍ରାୟ ୭୦୦୦ କୋଟି) ବ୍ୟୟ କରିବ ।

### ତୃତୀୟ ସନ୍ତାନ ଜନ୍ମ ହେଲେ ମିଳିବ ୨୫,୦୦୦ ଟଙ୍କା

ହାଇଦ୍ରାବାଦ୍,୭ ।୩: ଆନ୍ଧ୍ର ପ୍ରଦେଶ ସରକାର ଏକ ନୂତନ ପଦକ୍ଷେପ ଘୋଷଣା କରିଛନ୍ତି । ରାଜ୍ୟ ମୁଖ୍ୟମନ୍ତ୍ରୀ ଏନ. ଚନ୍ଦ୍ରବାବୁ ନାଇଡୁ ବିଧାନସଭାରେ କହିଛନ୍ତି,ରାଜ୍ୟର ଜନ୍ମହାର ନିରନ୍ତର ହ୍ରାସ ପାଉଛି ଏବଂ ଯଦି ଏହି ପରିସ୍ଥିତି ଜାରି ରହେ, ତେବେ ଭବିଷ୍ୟତରେ ରାଜ୍ୟ ଯୁବ କର୍ମଜୀବୀ ଜନସଂଖ୍ୟାର ଅଭାବର ସମ୍ମୁଖୀନ ହୋଇପାରେ । ଏହି ସମସ୍ୟାକୁ ଧ୍ୟାନରେ ରଖି ସରକାର ଏକ ନୂତନ ଜନସଂଖ୍ୟା ପରିଚାଳନା ନୀତି କାର୍ଯ୍ୟକାରୀ କରିବାକୁ ପ୍ରସ୍ତୁତ ହେଉଛନ୍ତି । ରାଜ୍ୟ ସରକାର ଦ୍ୱିତୀୟ ଏବଂ ତୃତୀୟ ସନ୍ତାନ ଜନ୍ମ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ଏକ ଯୋଜନା ପ୍ରଣୟନ କରୁଛନ୍ତି । ତୃତୀୟ ସନ୍ତାନ ଜନ୍ମ ପାଇଁ ସରକାର କେବେ ୨୫,୦୦୦ ଟଙ୍କା ଦେବେ ବୋଲି ଘୋଷଣା କରିଛନ୍ତି ।

### କୋଟା ବିମାନବନ୍ଦରର ଶିଳାନ୍ୟାସ

## ହାଡୋତି ଅଞ୍ଚଳ ପାଇଁ ଆଜି ନୂତନ ଆଶାର ଦିନ: ମୋଦି

ନୂଆଦିଲ୍ଲୀ,୭।୩(ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଭିଡିଓ ବାର୍ତ୍ତା ମାଧ୍ୟମରେ କୋଟା ବିମାନବନ୍ଦରର ଶିଳାନ୍ୟାସ ଅବସରରେ ଆୟୋଜିତ କାର୍ଯ୍ୟକ୍ରମକୁ ସମ୍ବୋଧିତ କରିଛନ୍ତି । ଏହା ହାଡୋତି ଅଞ୍ଚଳ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଭାବେ ପରିଗଣିତ ହେଉଛି । 'ରାଜସ୍ଥାନ ଏକ ଅଭୂତପୂର୍ବ ଗତିରେ ଅଗ୍ରସର ହେଉଛି ଓ ନୂତନ ବିମାନବନ୍ଦର ଅର୍ଥନୈତିକ ଏବଂ ଶିଳ୍ପ ଅଭିବୃଦ୍ଧି ପାଇଁ ଏକ ପ୍ରେରକ ଶକ୍ତି ହେବାକୁ ଯାଉଛି' ବୋଲି ମୋଦି ଗୁରୁତ୍ୱାରୋପ କରିଛନ୍ତି । ସମ୍ମିଳନୀକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ତାଙ୍କର ସାମ୍ପ୍ରତିକ ଅଜମେର ଗସ୍ତ ବିଷୟରେ ଉଲ୍ଲେଖ କରିଥିଲେ, ଯେଉଁଠାରେ ହଜାର ହଜାର କୋଟି ଟଙ୍କାର ଉନ୍ନୟନମୂଳକ ପ୍ରକଳ୍ପ ଉଦଘାଟନ କରାଯାଇଥିଲା ଏବଂ ୨୧,୦୦୦ରୁ ଅଧିକ ଯୁବକ-ଯୁବତୀଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରାଯାଇଥିଲା । ସେ କହିଥିଲେ ଯେ, ଗତ ଏକ ସପ୍ତାହ ମଧ୍ୟରେ ଏପରି ପରମ୍ପରାଗତ କାର୍ଯ୍ୟକ୍ରମ ରାଜ୍ୟର ଉନ୍ନତି ଯାତ୍ରା ସମ୍ପର୍କରେ ଏକ ଶକ୍ତିଶାଳୀ ସନ୍ଦେଶ ଦେଉଛି ଏବଂ ଏହା ଆମକୁ ଦର୍ଶାଉଛି ଯେ, ଆଜି ରାଜସ୍ଥାନ କେତେ ତ୍ୱରିତ ଗତିରେ ଆଗକୁ ବଢୁଛି । ପ୍ରଧାନମନ୍ତ୍ରୀ ଆଲୋକପାତ କରିଥିଲେ ଯେ, ଆଜି କୋଟା, ବୁନ୍ଦି, ବାରାନ ଏବଂ ଝାଲାୱାର ପାଇଁ ନୂତନ ଆଶାର ଦିନ, କାରଣ



ପ୍ରାୟ ୧,୫୦୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଯାଉଥିବା ଏହି ଆଧୁନିକ ବିମାନବନ୍ଦର ଆକାର ନେବା ଆରମ୍ଭ କରିଛି । ଏହି ଅଞ୍ଚଳର ଜନସାଧାରଣଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇ ମୋଦି କହିଥିଲେ, 'ଏହି ଆଧୁନିକ ବିମାନବନ୍ଦର ଆଗାମୀ ସମୟରେ ସମଗ୍ର ଅଞ୍ଚଳର ବିକାଶକୁ ତ୍ୱରାନ୍ୱିତ କରିବ ।' ୨୦୨୩ ନଭେମ୍ବରରେ ତାଙ୍କ ଗସ୍ତକୁ ମନେ ପକାଇ ପ୍ରଧାନମନ୍ତ୍ରୀ ବିମାନବନ୍ଦର ସମ୍ପର୍କରେ ଲୋକମାନଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ଏବେ ପୂରଣ ହେଉଥିବାରୁ ସନ୍ତୋଷ ପ୍ରକାଶ କରିଥିଲେ ।

# ୮ ମାର୍ଚ୍ଚ ବିଶ୍ୱ ମହିଳା ଦିବସ



## ମହିଳାଙ୍କ ପାଇଁ ସବୁଠୁ ଗୁରୁତ୍ୱପୂର୍ଣ୍ଣ : ଇଚ୍ଛାଶକ୍ତି

ଆଜି ବିଶ୍ୱ ମହିଳା ଦିବସ-୨୦୨୬ । ମହିଳାଙ୍କ ଆତ୍ମ ପରିଚିତି, ଶକ୍ତି, ସାମର୍ଥ୍ୟ, ଅବଦାନ, ସଫଳତା, ପ୍ରେରଣା ପ୍ରଭୃତିକୁ ନେଇ ଚାରିଆଡେ ଚର୍ଚ୍ଚା ଜାରି ରହିଛି । ମହିଳାଙ୍କ ଦକ୍ଷତା ଓ ସାମର୍ଥ୍ୟକୁ ନାନା ଭାବରେ ପ୍ରଶଂସା କରାଯାଉଛି । ସଚେତନତା ସାଙ୍ଗକୁ ସେମାନଙ୍କ ଅବଦାନ ସ୍ମରଣ ଗୁରୁତ୍ୱ ରଖେ । ଚଳିତ ବର୍ଷର ମହିଳା ଦିବସ ଥିମ୍ ରହିଛି "ଗିଫ୍ଟ ଟୁ ଗେନ୍"। ଆମ ରାଜ୍ୟରେ ସ୍ୱ ସ୍ୱ କ୍ଷେତ୍ରରେ ପ୍ରତିଷ୍ଠିତ କିଛି ପ୍ରସିଦ୍ଧ ମହିଳା ବ୍ୟକ୍ତିତ୍ୱଙ୍କ ଆଲୋଚ୍ୟ ଦିବସ ଅବସରରେ ଦୃଷ୍ଟିକୋଣ ଏଠାରେ ଉପସ୍ଥାପିତ ।

## ମହିଳାଙ୍କୁ ଅଧିକ ସୁଯୋଗ ମିଳୁ

-ସୁଲୋଚନା ଦାସ (ମେୟର, ଭୁବନେଶ୍ୱର)-



"ଗିଫ୍ଟ-ଟୁ-ଗେନ" । ସମସ୍ତେ ଗିଫ୍ଟ ଦେବା ଦରକାର । ସେ ଗିଫ୍ଟ ବା ଉପହାର ମହିଳାଙ୍କ ଠାରେ ସୁଯୋଗ ସୃଷ୍ଟି କରୁ । ଏହି ଭଳି ପ୍ଲାଟଫର୍ମ ସୃଷ୍ଟି କରାଯାଉ ସେ ଦେଖିଥିବା ସ୍ୱପ୍ନକୁ ସାକାର କରିପାରିବ । ମହିଳାମାନଙ୍କୁ ଆଗରୁ ମୁଦ୍ରାର ଅପର ପାର୍ଶ୍ୱ ଭାବରେ ବିବେଚନା କରାଯାଉଥିଲା । ସେମାନଙ୍କ ସଂଖ୍ୟା ପ୍ରାୟ ୪୯ ପ୍ରତିଶତ । ଯେତେବେଳେ ସେମାନେ ବିକାଶ କରିପାରିବେ ସେତେବେଳେ ସ୍ୱପ୍ନ ସାକାର ହୋଇପାରିବ । ଯିଏ ଯେଉଁ କ୍ଷେତ୍ରରେ ଥା'ନ୍ତୁ ନା କାହିଁକି ସାମାଜିକ, ରାଜନୈତିକ ଯେକୌଣସି କ୍ଷେତ୍ର ହେଉ, ସେମାନଙ୍କ ପାଇଁ ସୁଯୋଗ ସୃଷ୍ଟି କରାଗଲେ ସାମୂହିକ ବିକାଶ ବଢିବ । ସେମାନେ ଆଗକୁ ବଢିପାରିବେ । ଆମର ସମାଜ ପୁରୁଷ କୈନ୍ଦ୍ରିକ, ଆମ ବାପା, ଭାଇମାନେ ଆମକୁ ପାଠ ପଢିବାର ସୁଯୋଗ ଦେଇଥିବା ହେତୁ ଆମେ ଆଗକୁ ଯାଇପାରିଛୁ । ମୁଁ ସାମ୍ବାଦିକତାରୁ ରାଜନୀତିକୁ ଆସି ପାରିଛି । ବାପା ମନ୍ତ୍ରୀ ଥିଲେ ପିଲାକୁ ଟିକେଟ ମିଳିବା ସାଧାରଣ । କିନ୍ତୁ ସାଧାରଣ ମହିଳା ଯେତେବେଳେ ଗୋଟେ ଟିକେଟ ପାଇଥାନ୍ତି, ସେଥିଲାଗି ସେମାନେ ବହୁ କଷ୍ଟ କରିଥାନ୍ତି, ସଂଘର୍ଷ କରିଥାନ୍ତି । ଝିଅଙ୍କୁ ସୁଯୋଗ ତଥା ଉପଯୁକ୍ତ ପରିବେଶ ଦେଲେ ସେମାନେ ସବୁକାମ କରିପାରିବେ । ମହିଳାମାନେ ନିଜ ଉପରେ ଆତ୍ମ ବିଶ୍ୱାସ ରଖନ୍ତୁ, ନିଜକୁ ଭଲ ପା'ନ୍ତୁ । ତାହାଦ୍ୱାରା ସେମାନେ ସବୁକାମ ତୁଲାଇ ପାରିବେ । ଯେବେ କୋଣ ଅନୁକୋଣର ଝିଅଟିଏ ଆଗକୁ ବଢିପାରିବ, ସେତେବେଳେ ବିକଶିତ ଭାରତ ବିକଶିତ ଓଡିଶାର ସ୍ୱପ୍ନ ସାକାର ହୋଇପାରିବ ।

## ନିଜ ସୀମାବଦ୍ଧତାରୁ ଉତ୍ତରିତ ହେଉ ନାରୀ

*ଗୋଲାପ ମଞ୍ଜରୀ କର (ଲେଖିକା)*



ଏବେର ଯୁବପିଢି ଠାରେ ଲେଖିବା ସାମର୍ଥ୍ୟ ଓ ଶକ୍ତି ରହିଛି । ତେବେ ମୁଁ ମନେ କରେ ଯେ, ସେମାନେ ଆହୁରି ପଢିବା ଦରକାର । ଜ୍ଞାନର ପରିସରକୁ ବୃଦ୍ଧି କରିବା ଉଚିତ । ଜଣେ ଲେଖିକା ଭାବରେ ଚାରିଟି ଉପନ୍ୟାସ ମୁଁ ଲେଖିଛି । ଆଉ ଖଣ୍ଡେ ଅଧେ ଲେଖିବା ପାଇଁ ଇଚ୍ଛା ରଖିଛି । ଏକ ସମାଲୋଚନା ମୂଳକ ପୁସ୍ତକ ଲେଖିବି, ଯେଉଁଥିରେ ରହିବ କୁନ୍ତଳା କୁମାରୀ ସାବତ, ବୀଣାପାଣି ମହାନ୍ତି, ନନ୍ଦିନୀ ଶତପଥୀ ପ୍ରମୁଖଙ୍କ ବିଷୟରେ । ଚଳିତ ବର୍ଷର ମହିଳା ଦିବସର ଥିମ୍ "ଗିଫ୍ଟ ଟୁ ଗେନ୍" କୁ ନେଇ କହିବି, ନାରୀମାନେ ନିଜେ ନିଜକୁ ଚିହ୍ନନ୍ତୁ । ନିଜ ସୀମାବଦ୍ଧତାରୁ ଉତ୍ତରିତ ହେଉ ନାରୀ । ଦଶଭୁଜାରୁ ହେଉ ସେ ସହସ୍ରଭୁଜା । ଦେବାରେ ଆନନ୍ଦ ନିଜ ପରିବାରୁ ଶିଖିପାରିବେ । ଏହି ଶିକ୍ଷା ଯୌଥ ପରିବାରରୁ ମିଳେ । ଦେବା ପାଇଁ ଦେବି, ତାହା ନୁହେଁ । ନିଜ ପାଇଁ ବଞ୍ଚ ନାହିଁ । ଅନ୍ୟମାନଙ୍କ ପାଇଁ ବଞ୍ଚ । ମା' ତାର ପିଲାଙ୍କୁ ତା ପରିବାରରେ ଏହା ଶିଖାଇଥାଏ । ସୁତରାଂ ଏବର ନାରୀ ନିଜର ସାମର୍ଥ୍ୟକୁ ବୃଦ୍ଧି କରନ୍ତୁ, ବାଧାକୁ ଅତିକ୍ରମ କରନ୍ତୁ ।

## ନୀତି ନିର୍ଦ୍ଧାରଣରେ ସାମିଲ ହୁଅନ୍ତୁ ମହିଳା

ସୁନୀତି ମୁଣ୍ଡ୍ (ଲେଖିକା ଓ ସାମ୍ବାଦିକା)



ମୁଁ ବିଶ୍ୱାସ କରେ ଯେ, ମହିଳାଙ୍କ ପାଇଁ ଏହା ଦିନଟିଏ ନୁହେଁ । ଏହି ମହିଳା ଦିବସ ନେଇ କହିବାକୁ ଗଲେ ମହିଳାଙ୍କ ପାଇଁ ହିଁ ରହିଛି ସାରା ୩୬୫ ଦିନ । ସେମାନେ ଏବେ ପୂର୍ବାପେକ୍ଷା ସକ୍ରିୟ ହୋଇଛନ୍ତି । କିନ୍ତୁ ସେମାନେ ନିଜର ସ୍ୱତନ୍ତ୍ର ପରିଚୟ ବନାନ୍ତୁ । ନିଜର ଦକ୍ଷତା, ପ୍ରତିଭା ଏବଂ ଶିକ୍ଷାକୁ ଆଧାର କରି ନିଜ ଉପରେ କାର୍ଯ୍ୟ କରନ୍ତୁ । ଜଣେ ଲେଖିକା ଭାବରେ ମୋ ଲେଖାଗୁଡିକ ମାଧ୍ୟମରେ ଚେଷ୍ଟା କରିଛି ସମାଜରେ କିଛି ସଂସ୍କାର ଆସୁ । ଲେଖା ମାଧ୍ୟମରେ କିଛି ଜ୍ଞାନ ପାଠକ ଓ ପାଠିକା ପ୍ରାପ୍ତ ହୁଅନ୍ତୁ । ଯେତେବେଳେ ଅନ୍ୟ ବ୍ୟକ୍ତିମାନଙ୍କ ପକ୍ଷରୁ ମୁଁ ବିରୋଧ ପାଏ, ନିଜକୁ ମା' ଭୂମିକାରେ ରଖେ ଏବଂ ସେମାନଙ୍କୁ ମାଫ୍ କରି ଦିଏ । "ଗିଫ୍ଟ-ଟୁ-ଗେନ୍" କୁ ନେଇ ମୋର ମତ- ଉପହାର ତ ସମସ୍ତଙ୍କୁ ଭଲ ଲାଗେ କିନ୍ତୁ ଜଣେ ତାହା ଅପର ଜଣକ କ'ଣ ଦେଉଛନ୍ତି, ଗ୍ରହଣ କରିବା ଲୋକର ମାନସିକତା କିଭଳି ତାହା ବ୍ୟକ୍ତି-ପରିବେଶ-ପରିସ୍ଥିତି ଭେଦରେ କିଭଳି ଗ୍ରହଣ ହେବ ତାହା କହିପାରିବି ନାହିଁ । କିନ୍ତୁ ମହିଳାଙ୍କ ସମ୍ପର୍କରେ ମୋର ମତ ଯେ, ପ୍ରତି ମହିଳା ଜନ୍ମରୁ ଭଲ ମ୍ୟାନେଜର । ତେଣୁ ସେ ପରିବାର ଚଳାଇଥାଏ । ଏହି ଦକ୍ଷତା ତା'ର ଆପଣା ଭିତରେ ଥାଏ । ସରକାର ନୀତି ନିର୍ଦ୍ଧାରଣ ବେଳେ ସେମାନଙ୍କୁ ସାମିଲ କରନ୍ତୁ । ଯେତେବେଳ ଯାଏଁ ଏହା ହୋଇ ନାହିଁ ସେ ପର୍ଯ୍ୟନ୍ତ ବିକାଶ ହୋଇନାହିଁ ବୋଲି ବୁଝିବାକୁ ହେବ । ପ୍ରତି ମହିଳା ଅନ୍ୟ ମହିଳାଙ୍କ ସମସ୍ୟା ମନ ଦେଇ ଶୁଣନ୍ତୁ । ଏହା ଦ୍ୱାରା ସମ୍ପର୍କ ତଥା ଏକତା ବଢିବ ।

## ସୃଷ୍ଟିର ମୂଳ ଓ ଉନ୍ନତିର ଆଧାର, ନାରୀ

*-ଈପ୍ସିତା ଷଡ଼ଙ୍ଗୀ (ଅଧ୍ୟାପିକା)-*



ନାରୀ ହେଉଛନ୍ତି ସୃଷ୍ଟିର ଆଧାର, ପରିବାରର ଶକ୍ତି ଓ ସମାଜର ପ୍ରେରଣା । ଘରୁ ଆରମ୍ଭ କରି କାର୍ଯ୍ୟାଳୟ ପର୍ଯ୍ୟନ୍ତ, ଶିକ୍ଷା ଠାରୁ ବିଜ୍ଞାନ ପର୍ଯ୍ୟନ୍ତ—ପ୍ରତ୍ୟେକ କ୍ଷେତ୍ରରେ ନାରୀ ନିଜ ଦକ୍ଷତା ଓ ପରିଶ୍ରମରେ ନୂଆ ଇତିହାସ ରଚନା କରୁଛି । ତେଣୁ ଏହି ଦିନଟିକୁ କେବଳ ଉତ୍ସବ ପାଳନର ଦିନ ଭାବରେ ନ ଗଣି,ଏହା ସମତା ଓ ସମ୍ମାନ ପାଇଁ ସଚେତନତାର ଦିନ ଭାବରେ ଗ୍ରହଣ କରିବାର ସମୟ ଆସିଛି । ସୃଷ୍ଟିର ମୂଳ ଓ ଉନ୍ନତିର ଆଧାର ହେଉଛି ନାରୀ । ଆସନ୍ତୁ, ଆମେ ସମସ୍ତେ ଏହି ଦିନରେ ସଂକଳ୍ପ ନେବା—ନାରୀଙ୍କୁ ସମ୍ମାନ କରିବା, ସମାନ ସୁଯୋଗ ଦେବା ଓ ପ୍ରତ୍ୟେକ କନ୍ୟାକୁ ନିଜ ସ୍ୱପ୍ନ ପୂରଣ କରିବାର ପ୍ରେରଣା ଦେବା ।



## ନାରୀ ବିଶାଳ, ଅନନ୍ତ

*-ବିଜୟଲକ୍ଷ୍ମୀ କର (ସମାଜସେବୀ)-*

ଗିଭ୍ ବା ଦେବା ମାନେ ମନରେ କିଛି ଆଶା ରଖିବା । କିନ୍ତୁ ମୁଁ ମନେକରେ ଯେ, ଦେବା ଅର୍ଥ ନିସର୍ତ୍ତ ଭଲ ପାଇବା । ମୋ ଜୀବନରେ ବହୁତ ଲୋକଙ୍କୁ ମୁଁ ସାହାଯ୍ୟ କରି ଭୁଲି ଯାଇଛି । ବିନା ପ୍ରତ୍ୟାଶାରେ ଆମେ ଯେଉଁମାନଙ୍କୁ ସାହାଯ୍ୟ ବା ଗାଇଡ କରିବା ସେଥିରୁ ଯେଉଁ ଖୁସି ମିଳିବ ଆମେ ସେଥିରେ ବଂଚି ପାରିବା । ମୁଁ ଜଣେ କ୍ୟାନସର ସର୍ଭାଇଭର । ମୁଁ ଭାବୁଛି ଯେଉଁମାନେ ସାହାଯ୍ୟ ପାଇଛନ୍ତି ସେମାନଙ୍କ ପ୍ରାର୍ଥନା ଯୋଗୁଁ ମୁଁ ବଂଚି ପାରିଛି । ମହିଳା ଦିବସ ମାର୍ଚ୍ଚ ୮ ରେ ବିଶ୍ୱବ୍ୟାପୀ ପାଳନ କରାଯାଉଛି । ମୁଁ ବୁଝେ ଯେ, ମହିଳାମାନେ ବିଶାଳ ଓ ଅନନ୍ତ । ସାରା ବିଶ୍ୱବ୍ୟାପୀ ମହିଳାମାନଙ୍କୁ ବୁଝିବା ଶକ୍ତି ଦେଇଥାନ୍ତି ଭଗବାନ । ସେମାନେ ଘରେ ବସି ସ୍ୱାବଲମ୍ବୀ ହୋଇପାରିବେ । ଏସ.ଏଚ.ଜି ଗ୍ରୁପ ପକ୍ଷରୁ ଟ୍ରେନିଂ ପାଇ ଘରେ ଥାଇ ମଧ୍ୟ କାର୍ଯ୍ୟ କରିପାରିବେ । ଯେଉଁମାନେ କି ଏସ.ଏଚ.ଜି ସ୍ତରୀୟ କାର୍ଯ୍ୟ ପାଇଁ ଆଗ୍ରହୀ ଥାନ୍ତି । ମୁଁ ଦିବ୍ୟାଙ୍ଗ (ହ୍ୟାଣ୍ଡିକ୍ୟାପଡ)ଙ୍କ ପାଇଁ କାର୍ଯ୍ୟ କରେ । ଯାହାବି କିଛି କରିବା ସେଥିରେ ଇଚ୍ଛା ଶକ୍ତି ଥିବା ଦରକାର, ସେଇଟି ସବୁଠୁ ଗୁରୁତ୍ୱପୂର୍ଣ୍ଣ । କି ଧନୀ କି ଗରିବ, ଶିକ୍ଷିତ ଅବା ଅଶିକ୍ଷିତ ମହିଳାଙ୍କ ଠାରେ ଏତେ ଶକ୍ତି ଭରି ରହିଛି ଯେ, ସେମାନେ ନିଜେ ଯାହା ଚାହିଁବେ ସେଥିରେ ସଫଳତା ହାସଲ କରିପାରିବେ । ମନକୁ କେବେହେଲେ ନିଚା କରନ୍ତୁ ନାହିଁ । ମହତ୍ୱପୂର୍ଣ୍ଣ ଦିଗ ଯେ, ଆମ ପାଖରେ କିଛି ଶକ୍ତି ଅଛି ବୋଲି ଭଗବାନ ଆମକୁ ନାରୀଭାବରେ ଜନ୍ମ ଦେଇଛନ୍ତି ।



## ନାରୀ, ଈଶ୍ୱରଙ୍କ ପରେ ଆଉ ଜଣେ ସୃଷ୍ଟିକାରିଣୀ

ଡ.ଇତି ସାମନ୍ତ (ସମ୍ପାଦିକା, କାଦମ୍ବିନୀ)



ସୃଷ୍ଟି ପ୍ରାରମ୍ଭରୁ ନାରୀର ଯାତ୍ରା ଜାରି ରହିଛି । ସେ ଯେବେ ଯାତ୍ରା ବନ୍ଦ କରିଦିଏ, ସୃଷ୍ଟି ସେଠି ସ୍ଥିର ହୋଇଯାଏ । ନାରୀମାନଙ୍କୁ ନେଇ, ନାରୀଙ୍କ ପାଇଁ ବା ନାରୀଙ୍କ ପାଇଁ ଅନ୍ୟମାନେ ଯାହା କରୁଛନ୍ତି ତାହାକୁ ନେଇ କେତେ କଥା ରହିଛି । ଏ ବର୍ଷର ମହିଳା ଦିବସରେ ଥିମ୍ ରହିଛି "ଗିଫ୍ଟ ଟୁ ଗେନ୍" । ଏହାକୁ ମୁଁ ଯାହା ବୁଝିଛି- ନାରୀ, ଈଶ୍ୱରଙ୍କ ପରେ ଆଉ ଜଣେ ସୃଷ୍ଟିକାରିଣୀ । ନାରୀ ଜଗତକୁ ଦେଇ ଚାଲିଛି । ତେଣୁ ନାରୀଙ୍କୁ ମଧ୍ୟ ଦେବା ଦରକାର, ଯାହାର ବିଭିନ୍ନ ଅର୍ଥ ରହିଛି । ବହୁ ଗୂଢ ତତ୍ତ୍ୱ ଏ ନେଇ ମଧ୍ୟ ରହିଛି । ଘୂରିଘୂରି ବୁଲିଲେ ପୁଣି ଆସି ପହଁଚି ହେବ ନାରୀର ଯାତ୍ରା ଠାରେ, ଯାହା ସର୍ବଦା ସଂଘର୍ଷମୟ । କିନ୍ତୁ ତାହା ଭିତରୁ ସେ ସୁନ୍ଦର ଭାବରେ ବାହାରି ଆସେ । ମୋ ମା' ମୋତେ ଶିଖାଇଛି, 'ମନକୁ ଯେତେ ଦୃଢ କରିବୁ, ପାଦର ଦୃଢତା ସେତେ ବଢିବ । ଥକି ବସିଗଲେ, ହେବ ନାହିଁ । ଉଠିବାକୁ ହେବ । ଚାଲିବାକୁ ହେବ ।' ଏହି ଭଳି ଭାବରେ ନାରୀ ତାର ଯାତ୍ରା ପଥକୁ ଅବ୍ୟାହତ ରଖିଛି । ପରିବର୍ତ୍ତନ ନିଜେ ନିଜକୁ ଆଣିବାକୁ ହେବ । ନାରୀ ସବୁବେଳେ ଦୃଢତାର ସହ ସତ୍‌ପଥରେ ଯାତ୍ରା କଲେ ଈଶ୍ୱର ତାକୁ ହାତ ଧରି ବାଟ କଢାଇନେବେ । ଆମେ ସର୍ବଦା ଦେଖିବା, ଆମ ପଛରେ ଯେଉଁମାନେ ଅଛନ୍ତି ସେମାନଙ୍କୁ ଆମେ ହାତ ବଢାଇବା ।

## ନିଜର ଦାୟିତ୍ୱ କ'ଣ ମହିଳାମାନେ ନିଜେ ବୁଝନ୍ତୁ

*-ଡ.ପ୍ରତିମା ଷଡ଼ଙ୍ଗୀ (ଅଧ୍ୟାପିକା)-*



ସାରା ବିଶ୍ୱରେ ଯେଉଁ ମହିଳାମାନଙ୍କ ଅବଦାନ ରହିଛି ସେମାନଙ୍କ ଜୀବନ ହେଉଛି ପ୍ରେରଣାର ଉତ୍ସ । ତାହା ଅନ୍ୟମାନଙ୍କୁ ଅନୁପ୍ରାଣିତ କରେ । ଏ ବର୍ଷ ମହିଳା ଦିବସର ଥିମ୍ "ଗିଫ୍ଟ-ଟୁ-ଗେନ" ଏହାକୁ ବିଶ୍ଳେଷଣ କଲେ ଦେଖିବା ନାରୀମାନେ ସର୍ବଦା ସହନଶୀଳ । ମା' ହୁଅନ୍ତୁ କି ଭଉଣୀ ଅବା ଝିଅ, ସମାଜରେ ସେମାନଙ୍କର ବହୁତ ଅବଦାନ ଥାଏ । ପ୍ରତିଯୋଗିତା ବୋଲି କିଛି ନାହିଁ । ସମସ୍ତେ ସମାନ । ସବୁ 'ଜେଣ୍ଡର' ଯଦି ସମସ୍ତଙ୍କୁ ସାହାଯ୍ୟ କରନ୍ତି ତେବେ ପୃଥିବୀମାତାର ଉନ୍ନତି ନିଶ୍ଚୟ ହେବ । ମହିଳାଙ୍କ ପକ୍ଷେ ଦାୟିତ୍ୱ ମୁଣ୍ଡାଇବାକୁ ହେବ । ଯାହା ତାଙ୍କୁ ଦାୟିତ୍ୱ ମିଳିଛି, ତାହା ହେଉଛି ସେମାନଙ୍କର ଜୀବନର ଏକ ଅଂଶ । ଯେପରି ଜଣେ ଶିକ୍ଷୟିତ୍ରୀ ପିଲାଙ୍କୁ ପାଠ ପଢିବାକୁ ଓ ମାର୍ଜିତ ହେବାକୁ ମାର୍ଗଦର୍ଶନ କରିଥାନ୍ତି, ନିଜର ଦାୟିତ୍ୱ କ'ଣ ମହିଳାମାନେ ତାହା ବୁଝନ୍ତୁ ଓ ସହାୟକ ଭାବେ କାର୍ଯ୍ୟ କରନ୍ତୁ । ପୁରୁଷ ଓ ମହିଳା ସମସ୍ତଙ୍କର ସମାଜ ପ୍ରତି ଅବଦାନ ରହିଛି । ସମସ୍ତେ ନିଜନିଜ ଦାୟିତ୍ୱ ଯଦି ସମ୍ପାଦନ କରିଚାଲିଲେ ଆମର 'ଇକ୍ୟୁଟି'(ଅଧିକାର) ଜଣାପଡିବ । ଜାଣିବା ଦରକାର ଯେ ଏହା ପ୍ରତିଯୋଗିତାର ଯୁଗ ନୁହେଁ । ମହିଳାମାନେ ନିଜକୁ ପ୍ରଶ୍ନ କରନ୍ତୁ- ସମାଜ ପାଇଁ ମୁଁ କ'ଣ କରିବାକୁ ଚାହୁଁଛି ବା କ'ଣ କରିପାରିବି । ତାହାର ଅର୍ଥ ନୁହେଁ ଦାୟିତ୍ୱ ଛାଡି, ନିଜର କଥା କେବଳ ଦେଖିବା । ସାରା ବିଶ୍ୱମୁଖୀ ଦୃଷ୍ଟିକୋଣ ରହିଲେ ସମାଜରେ ସମସ୍ତଙ୍କ ଅବଦାନ ରହିପାରିବ ।

## "ମୁଁ ପାରିବି" ଏହି କଥା ଗୁରୁତ୍ୱପୂର୍ଣ୍ଣ

*ପାରମିତା ଶତପଥୀ (ଲେଖିକା)*

"ଗିଫ୍ଟ-ଟୁ-ଗେନ"ର ଅର୍ଥ ମୁଁ ବୁଝେ , କିଛି ଦେଲେ ହିଁ ଫଳପ୍ରାପ୍ତ ହେବା । ବର୍ତ୍ତମାନ ମହିଳାଙ୍କ ସ୍ଥିତି ଅନେକ ବଦଳିଛି । ଦିନେ ଯେଉଁ ପରିସରକୁ ସେମାନେ ଯାଇ ପାରୁନଥିଲେ ସେଠାକୁ ଏବେ ଯାଇପାରୁଛନ୍ତି । ଏହା ସତ୍ତ୍ୱେ କିଛି ମହିଳା ହିଂସା ଓ ଅବହେଳାର ଶିକାର ହୋଇ ଆସୁଛନ୍ତି । ସେମାନଙ୍କୁ ସଶକ୍ତ କରିବା, ଆଗକୁ ବଢିବା ତଥା ପଢିବାକୁ ଉତ୍ସାହିତ କରିବା ଦରକାର । ସମସ୍ତଙ୍କୁ ଶିକ୍ଷିତ କରିବା ଲକ୍ଷ୍ୟ ହେଉ । ବିଶେଷ କରି ଝିଅମାନଙ୍କୁ ଉଚିତ ଶିକ୍ଷା ଦେବା ଦ୍ୱାରା କିଛି ନା କିଛି କ୍ଷେତ୍ରରେ ସେମାନେ ଠିଆ ହୋଇପାରିବେ ଓ ପରିଚୟ ସୃଷ୍ଟି କରିପାରିବେ । "ମୁଁ ପାରିବି" ଏହି ଧାଡିକ ବହୁତ ଗୁରୁତ୍ୱପୂର୍ଣ୍ଣ । ମଣିଷ ହୋଇ ସମାଜକୁ କିଛି ପ୍ରତିଦାନ ଦେବା । ନିଜର ପରିଚୟ ସୃଷ୍ଟି କରିବା । ଏହାକୁ ଭୁଲିଯିବା ଅନୁଚିତ । ଚାକିରି କାଳରେ ମୋତେ ବହୁତ କାର୍ଯ୍ୟ କରିବାକୁ ପଡ଼େ । ତାହାରି ମଧ୍ୟରେ ମା'ମୋତେ କୁହନ୍ତି- ଲେଖା ଛାଡେନା । ମୁଁ ଅନୁଭବ କରେ ଲେଖୁଥିବା ଲୋକ ପାଇଁ ଲେଖା ବିଶ୍ୱସ୍ତ ବନ୍ଧୁ । ନିଜର ଚିତବୃତି ଲେଖାଲେଖିରେ ରହିଥିବା ହେତୁ ଏହା ମୋତେ ମାନସିକ ଶାନ୍ତି ଦେଇଥାଏ ।



# ଟି-୨୦ ବିଶ୍ୱକପ୍: ଫାଇନାଲ ଟକ୍କର ଆଜି

## ବିଶ୍ୱଦଖଲ ଲକ୍ଷ୍ୟରେ ଭାରତ, ଚାମ୍ପିଅନ ଆଶାରେ ନ୍ୟୁଜିଲାଣ୍ଡ



ନୂଆଦିଲ୍ଲୀ,୭।୩: ଦୁଇଟି ଦେଶକୁ ସଂପ୍ରସାରିତ ୨୮ ଦିନ ଓ ୫୪ ମ୍ୟାଚ୍‌ର କ୍ରିକେଟ୍ ଯୁଦ୍ଧ ପରେ ଫାଇନାଲ୍ ଟକ୍କର ପାଇଁ ସମର ସଜ୍ଜା ସରିଛି। 'ନରେନ୍ଦ୍ର ମୋଦୀ କ୍ରିକେଟ୍ ଷ୍ଟାଡିୟମ୍' ପୂରା ପ୍ରସ୍ତୁତି ହୋଇ ରହିଛି। କେବଳ ଭାରତ କିମ୍ବା ଏସିଆ ମହାଦେଶ ନୁହେଁ, ସାରା ବିଶ୍ୱର ପ୍ରଶଂସକ ଏହି ମହାଲଢ଼େଇକୁ ନେଇ ଢେର ଉଲ୍ଲସିତ ଅଛନ୍ତି। ରାତି ୭ଟାରୁ ଆରମ୍ଭ ହେବାକୁ ଥିବା ଶୁଭ ରବିବାରର ଏହି ଐତିହାସିକ ଟକ୍କର ଲାଗି ଦୁଇ ଦଳ ଭାରତ ଓ ନ୍ୟୁଜିଲାଣ୍ଡ ମଧ ମାନସିକ ଓ ଶାରୀରିକ ଭାବେ ନିଜକୁ ସଜାଡ଼ି ନେଇଛନ୍ତି। ଜୋରଦାର ଅଭ୍ୟାସ କରି ନିଜ ନିଜ ଶକ୍ତିକୁ ଆହୁରି ଶାଣିତ କରିଛନ୍ତି। ଅହମଦାବାଦରେ ଟ୍ୱେଣ୍ଟି-୨୦ କ୍ରିକେଟ୍ ବିଶ୍ୱକପ୍‌ର ଫାଇନାଲ୍ ନେଇ ଅପୂର୍ବ ଉତ୍ସାହ ଦେଖିବାକୁ ମିଳୁଛି। ସମଗ୍ର ବିଶ୍ୱର ନଜର ଯେମିତି ଏହି ଐତିହାସିକ ତଥା ପ୍ରତୀକ୍ଷିତ ମହାଲଢ଼େଇ ଉପରେ କେନ୍ଦ୍ରୀଭୂତ ହୋଇଛି। ଦୁଇ ଦଳ ପଡ଼ିଆକୁ ଓହ୍ଲାଇବେ। କ୍ରିକେଟ୍ ଇତିହାସରେ ନୂଆ ଫର୍ଦ୍ଦ ଯୋଡ଼ିବାକୁ ଚେଷ୍ଟା କରିବେ। ଉଭୟ ଦଳ ପାଖରେ ଅଭିନବ ଓ ଅନନ୍ୟ ଇତିହାସ ରଚିବାର ସୁଯୋଗ ରହିବ। ଭାରତ ଜିତିଲେ ଆୟୋଜକ ଦେଶ ଭାବେ ବିଶ୍ୱକପ୍ ଜିତିବାର ବିରଳ ଗୌରବ ଗାଥା ଲେଖିବ। ସେହିଭଳି ଲଗାତାର ବିଶ୍ୱକପ୍ ଜିତିବାର ଅସାଧାରଣ ସଫଳତାକୁ ସାକାର କରିବ। ନ୍ୟୁଜିଲାଣ୍ଡ ଜିତିଲେ ପ୍ରଥମ ଥର ଟ୍ୱେଣ୍ଟି-୨୦ ବିଶ୍ୱକପ୍ ଜିତିବାର ପ୍ରତୀକ୍ଷିତ ସ୍ୱପ୍ନକୁ ପୂରଣ କରିବ। ଏହି ହାଇଭୋଲ୍‌ଟେଜ୍ ମୁକାବିଲା ପୂର୍ବର ରେକର୍ଡ କିନ୍ତୁ ଭାରତ ବିପକ୍ଷରେ ରହିଛି। କାରଣ ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡକୁ କେବେବି ହରାଇନି ଟିମ୍ ଇଣ୍ଡିଆ। ୩ଥର ଭେଟି ସବୁଥର ପରାଜିତ ହୋଇଛି। ଏଣୁ ରବିବାର ବିଜୟୀ ହେଲେ କିୱି ଦଳଠାରୁ ପୂର୍ବର ସବୁ ପରାଜୟର ମଧୁର ପ୍ରତିଶୋଧ ବି ନେଇପାରିବ ସୂର୍ଯ୍ୟକୁମାର ଯାଦବଙ୍କ ଦକ୍ଷ ସେନା। ଭାରତୀୟ କ୍ରିକେଟ୍ ଦଳ ପାଖରେ ମଧ ୨୦୨୩ ଦିନିକିଆ କ୍ରିକେଟ୍ ବିଶ୍ୱକପ୍ ଫାଇନାଲ୍ ପରାଜୟର ଦୁଃଖକୁ ଦୂର କରିବାର ସୁଯୋଗ ରହିବ। ୩ବର୍ଷ ତଳେ ଏହି ଷ୍ଟାଡିୟମ୍‌ରେ ଅଷ୍ଟ୍ରେଲିଆଠାରୁ ହାରି ଆଉ ଏକ ଏକଦିବସୀୟ ବିଶ୍ୱକପ୍ ଜିତିବାର ସୁଯୋଗକୁ ହାତଛଡ଼ା କରିଥିଲା। ଏଥର ସେହି ଭୁଲ୍ ନ ଦୋହରାଇବାକୁ ପ୍ରତିଶ୍ରୁତିବଦ୍ଧ ରହିବ। ଏଥରର ଫାଇନାଲ୍‌ରେ ଦୁଇ ଦଳର ଯୁବ ଯୋଦ୍ଧା ସଞ୍ଜୁ ସାମସନ ଓ ଫିନ୍ ଆଲେନଙ୍କ ବ୍ୟାଟିଂ ପ୍ରମୁଖ ଆକର୍ଷଣ ହେବ। ଯଶପ୍ରୀତ୍ ବୁମ୍‌ରା ପୁଣିଥରେ ଭାରତୀୟ ବୋଲିଂ ବାହିନୀର ନେତୃତ୍ୱ ନେବେ। ଅଭିଷେକ ଶର୍ମାଙ୍କ ଫ୍ଲସ୍ ସୋ' ଏବଂ ବରୁଣ ଚକ୍ରବର୍ତ୍ତୀଙ୍କ ବ୍ୟୟ ବହୁଳ ବୋଲିଂ ଭାରତ ପାଇଁ ଚିନ୍ତାର କାରଣ ହୋଇପାରେ। ଦୁଇଟି ଯାକ ଦଳ ବେଶ୍ ସନ୍ତୁଳିତ ହୋଇଥିବାରୁ ଟକ୍କର ଜୋରଦାର ହେବ ବୋଲି ଆଶା କରାଯାଉଛି। ତେବେ ନ୍ୟୁଜିଲାଣ୍ଡ ସ୍ପିନରମାନେ ହିଁ ଭାରତୀୟ ବ୍ୟାଟରଙ୍କୁ ସର୍ବାଧିକ ପରୀକ୍ଷାରେ ପକାଇବେ ବୋଲି ବିଶେଷଜ୍ଞମାନେ ପୂର୍ବାନୁମାନ କରିଛନ୍ତି। ଲାଲ୍ ଓ କଳା ରଙ୍ଗର ମିଶ୍ରିତ ମାଟିରେ ପ୍ରସ୍ତୁତ ଏବଂ ସ୍ୱଳ୍ପ ଟର୍ଣ୍ଣ ଓ ଅଧିକ ବାଉନ୍ସ ଭରା ପିଚ୍‌ରେ ମ୍ୟାଚ୍‌କୁ ଅଧିକ ରୋଚକ ଓ ରୋମାଞ୍ଚକ କରିବ ବୋଲି ଆଶା କରାଯାଉଛି।

# ଦେଶୀମଦ ସହ ପୋଚ ନଷ୍ଟ: ୫ମାମଲା ରୁଜୁ



ଆଠଗଡ଼,୭।୩(ନିପ୍ର): ଆଠଗଡ଼ ଥାନା ଅନ୍ତର୍ଗତ ଡାଳୁଅ, କଂସର,ବାଁଉଶ ଟାଙ୍ଗୋର ଓ ଖଣ୍ଡୁଆଳି ସଂରକ୍ଷିତ ଜଙ୍ଗଲରେ ଆଠଗଡ଼ ଅବକାରୀ ବିଭାଗ, ନରସିଂହପୁର ଅବକାରୀ ଥାନା,ବାଙ୍କୀ ଅବକାରୀ ଥାନା, ଜିଲ୍ଲା ମୋବାଇଲ ୟୁନିଟ,ଚୌଦ୍ୱାର ଅବକାରୀ ଥାନା,ଖୁଣ୍ଟୁଣୀ ଥାନା ଓ ଖୁଣ୍ଟୁଣୀ ବନ ବିଭାଗ ସହିତ ଏକ ମିଳିତ ଚଢାଉ କରାଯାଇଥିଲା। ଉକ୍ତ ଚଢାଉରେ ସର୍ବମୋଟ ୧୮୫୫ ଲିଟର ଦେଶୀମଦ ସହ ୧୪୨୮୦ ଲିଟର ମଦ ପ୍ରସ୍ତୁତ ନିମନ୍ତେ ବ୍ୟବହୃତ ହେଉଥିବା ଗୁଡ଼ପୋଚ ଉଦ୍ଧାର କରାଯାଇ ଘଟଣାସ୍ଥଳରେ ନଷ୍ଟ କରାଯିବା ସହ ୫ଟି ମାମଲା ରୁଜୁ କରାଯାଇଛି। ଏହି ଚଢାଉ କଟକ ଜିଲ୍ଲା ଅବକାରୀ ଅଧିକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶକ୍ରମେ ଆଠଗଡ଼ ଅବକାରୀ ବିଭାଗର ନିରୀକ୍ଷକ ରବି ନାରାୟଣ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଠଗଡ଼ ଅବକାରୀ ବିଭାଗ, ନରସିଂହପୁର ଅବକାରୀ ଥାନା, ବାଙ୍କୀ ଅବକାରୀ ଥାନା, ଜିଲ୍ଲା ମୋବାଇଲ ୟୁନିଟ, ଚୌଦ୍ୱାର ଅବକାରୀ ଥାନା,ଖୁଣ୍ଟୁଣୀ ଥାନା ଓ ଖୁଣ୍ଟୁଣୀ ବନ ବିଭାଗର ସଂପୃକ୍ତ ଅଧିକାରୀମାନଙ୍କ ସମେତ ସମସ୍ତ ଅବକାରୀ ସହକର୍ମୀ ଅଂଶଗ୍ରହଣ କରିଥିଲେ।

# 'ସୁବର୍ଣ୍ଣା ସ୍ୱୟଂ ସମ୍ପୂର୍ଣ୍ଣା' ସହିତ ଉତ୍କଳୀୟାସ୍ ପାଳିଲେ ମହିଳା ଦିବସ



ଭୁବନେଶ୍ୱର,୭ ।୩(ନିପ୍ର): ପାରମ୍ପରିକ ହସ୍ତତନ୍ତକୁ ପ୍ରୋତ୍ସାହନ ଏବଂ ସଂରକ୍ଷଣ କରିବା ପାଇଁ ପ୍ରତିବଦ୍ଧ ଥିବା ମହିଳାଙ୍କର ଏକ ସମଷ୍ଟି, 'ସୁବର୍ଣ୍ଣା ସ୍ୱୟଂ ସମ୍ପୂର୍ଣ୍ଣା' । ପ୍ରେରଣାଦାୟକ ବିଷୟବସ୍ତୁ ଆଧାର କରି ଏହା ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରିଛି। 'ସୁବର୍ଣ୍ଣା, ଆତ୍ମନିର୍ଭରଶୀଳ ତଥା ସମ୍ପୂର୍ଣ୍ଣ'। ଏହି ବିଷୟବସ୍ତୁ ପ୍ରତିଫଳିତ କରେ ଏକ ବିଶ୍ୱାସ ଯେ ଜଣେ ମହିଳା ପ୍ରତ୍ୟେକ ଭୂମିକାରେ ସ୍ୱତଃ ସକ୍ଷମ ତଥା ସଶକ୍ତ – ତାହା ସୃଜନକର୍ତ୍ତା, ନେତା, ପାଳନକର୍ତ୍ତା କିମ୍ବା ଉଦ୍ୟୋଗୀ ହୁଅନ୍ତୁ। ଆୟୋଜିତ ଉତ୍ସବର ମୁଖ୍ୟ ଆକର୍ଷଣ ଥିଲା ଏକ ରାମ୍ପ ପଦଯାତ୍ରା ଯେଉଁଠାରେ ସଦସ୍ୟମାନେ ସୁନ୍ଦର ସୁବର୍ଣ୍ଣା ହସ୍ତତନ୍ତ ଶାଢ଼ି ପିନ୍ଧି ଗର୍ବର ସହିତ ଚାଲିଥିଲେ, ଯାହା ଆତ୍ମବିଶ୍ୱାସ, ସ୍ୱାଧୀନତା ଏବଂ ଐତିହ୍ୟର ପ୍ରତୀକ ଭାବରେ ପ୍ରତିଫଳିତ ହୋଇଥିଲା। ଏହି କାର୍ଯ୍ୟକ୍ରମ କେବଳ ହସ୍ତତନ୍ତ ବସ୍ତ୍ରର ସୌନ୍ଦର୍ଯ୍ୟ ନୁହେଁ ବରଂ ପରିବାର, କ୍ୟାରିଅର ଏବଂ ସମ୍ପ୍ରଦାୟକୁ ସନ୍ତୁଳିତ କରୁଥିବା ମହିଳାମାନଙ୍କର ଶକ୍ତି ତଥା ଆତ୍ମାକୁ ମଧ ପ୍ରଦର୍ଶିତ କରିଥିଲା।ଉତ୍ସବ ମାଧ୍ୟମରେ, ଉତ୍କଳୀୟାସ୍ ହସ୍ତତନ୍ତକୁ ପ୍ରୋତ୍ସାହିତ କରିବାର ସେମାନଙ୍କର ମିଶନକୁ ପୁନଃନିର୍ମାଣ କରିଥିଲେ ଏବଂ ମହିଳାମାନଙ୍କୁ ସେମାନଙ୍କର ନିଜସ୍ୱ ଶକ୍ତି ତଥା ଆତ୍ମନିର୍ଭରତାକୁ ଚିହ୍ନିବା ପାଇଁ ପ୍ରେରଣା ଦେଇଥିଲେ।

# ୧୦ଲକ୍ଷ ଟଙ୍କାର ବ୍ରାଉନସୁଗାର ଜବତ, ଜଣେ ଗିରଫ

କଟକ,୭।୩(ନିପ୍ର): ବ୍ରାଉନସୁଗାର ବେପାର କରିବା ଅଭିଯୋଗରେ କଟକ ଅବକାରୀ ଫ୍ଲାଇଙ୍ଗ ସ୍କ୍ୱାର୍ଡ଼ ଶନିବାର ସ୍ଥାନୀୟ ମର୍କତନଗର ଥାନା ଅନ୍ତର୍ଗତ ସତୀଚଉରା ନିକଟ ଇଣ୍ଡିଆନ ଅଏଲ ପେଟ୍ରୋଲ ପମ୍ପ ନିକଟରୁ ଜଣକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ହେଲେ ମର୍କତନଗର ଥାନା ଅନ୍ତର୍ଗତ ସତୀଚଉରା ସ୍ଥିତ ଇମାମପଡ଼ାର ସନୁଆରୀ ବିବି (୪୦) । ଅଭିଯୁକ୍ତଙ୍କ ନିକଟରୁ ଅବକାରୀ ପୋଲିସ ୧୦୨ଗ୍ରାମର ବ୍ରାଉନସୁଗାର ଜବତ କରିଛି । ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୧୦ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ଆକଳନ କରିଛି । ଏହି ଚଢ଼ାଉରେ ଅବକାରୀ ଇନ୍ସପେକ୍ଟର ସୁଶାନ୍ତ ମହାପାତ୍ର, ଏସଆଇ ଅମିତ ବିଶ୍ୱାଳ, ଶେଖ ସାକିର ଉଲ୍ଲା, ଏଏସଆଇ ଏଆର ମଲ୍ଲିକ ଓ ଅଜୟ ବେହେରା ଏବଂ କନେଷ୍ଟବଳ ଗୌରାଙ୍ଗ ନାୟକ, ଅନ୍ନପୂର୍ଣ୍ଣା ଗଣ୍ଡ, ସୋଭିତା ମଲ୍ଲିକ, ଶଙ୍କର୍ଷଣ ରାଉତ, ପବିତ୍ର ଦାଶ, ଜଗନ୍ନାଥ ସାହୁ, ଶିବାନନ୍ଦ ଷଡଙ୍ଗୀ ପ୍ରମୁଖ ସାମିଲ ଥିଲେ । ଗିରଫ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି ।

CAP - 10001/106/2526

ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା

ଅନ୍ତରା : ଏମ୍‌ପିଏ ଗର୍ଭନିରୋଧକ ଇଞ୍ଜେକ୍ସନ୍

ହିତାଧିକାରୀଙ୍କ ପାଇଁ ସୂଚନା

- ନିରାପଦ, ଦୀର୍ଘକାଳୀନ ତଥା ପ୍ରଭାବଶାଳୀ ଗର୍ଭନିରୋଧକ
- ୪ ସପ୍ତାହର ଗ୍ରେସ୍ ପିରିୟଡ୍ ସହିତ ୩ ମାସ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ
- ବ୍ୟବହାର ପୂର୍ବରୁ ପେଲ୍‌ଭିକ୍ ପରୀକ୍ଷାର ଆବଶ୍ୟକ ନାହିଁ
- ସ୍ତନ୍ୟପାନ କରାଉଥିବା ମହିଳାମାନଙ୍କ ପାଇଁ ଉପଯୁକ୍ତ (ପ୍ରସବର ୬ ସପ୍ତାହ ପରେ)
- ସ୍ତନ୍ୟପାନକୁ ପ୍ରଭାବିତ କରେନାହିଁ
- ସୁବିଧାଜନକ ଏବଂ ବ୍ୟବହାର କରିବାକୁ ସହଜ

ଯଦି, ଅନ୍ତରା : ଏମ୍‌ପିଏ ଗର୍ଭନିରୋଧକ ଗ୍ରହଣକରିଥିବା ମହିଳାଙ୍କ କ୍ଷେତ୍ରରେ ଅନିୟନ୍ତ୍ରିତ ରକ୍ତସ୍ରାବ କିମ୍ବା ଆମେନୋରିଆ (ଋତୁସ୍ରାବ ବନ୍ଦ), ଅସ୍ୱାଭାବିକ ଓଜନ ବୃଦ୍ଧି, ଅଧିକ ମୁଣ୍ଡବିନ୍ଧା କିମ୍ବା ଚିଡ଼ିଚିଡ଼ା ଭାବ ଦେଖାଦିଏ ତେବେ ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ ।

OIPR-10001/10003/2/25-26/0025

ବିଭିନ୍ନ ଗର୍ଭନିରୋଧକ ପଦ୍ଧତି

ଇଞ୍ଜେକସନ୍ ଏମ.ପି.ଏ. | ଜରୁରୀକାଳୀନ ଗର୍ଭନିରୋଧକ ବଟିକା | ଗର୍ଭନିରୋଧକ ବଟିକା | କପର-ଟି ଆଇ.ୟୁ.ସି.ଡି ୩୭୫ ଆଇ.ୟୁ.ସି.ଡି ୩୮୦ ଛି | କଣ୍ଡୋମ | ପୁରୁଷ ବନ୍ଧ୍ୟାକରଣ | ମହିଳା ବନ୍ଧ୍ୟାକରଣ

ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିନାମୂଲ୍ୟରେ ଉପଲବ୍ଧ

ଏହି ସେବା ପାଇବା ପାଇଁ ଆଶା କିମ୍ବା ସ୍ୱାସ୍ଥ୍ୟକର୍ମୀଙ୍କ ସହ ପରାମର୍ଶ କରନ୍ତୁ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

facebook.com/HFWOdisha
@HFWOdisha
http://www.health.odisha.gov.in/

# 'ଭୂଲେଖ' ଡାଟାବେସ: ପଟ୍ଟା ଓ ନକ୍ସା ସଂଶୋଧନ ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର, ୭ ।୩(ନିପ୍ର): ରାଜ୍ୟରେ ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କର (ଜଙ୍ଗଲ ଅଧିକାର ସ୍ୱୀକୃତି) ସଂଶୋଧନ ଆଇନରେ ଉଲ୍ଲିଖିତ ଅଧିକାର ଅନୁଯାୟୀ ରାଜସ୍ୱ ବିଭାଗ ଦ୍ୱାରା ସେଥିରେ ନିର୍ଦ୍ଦିଷ୍ଟ ଥିବା ଜଙ୍ଗଲ ଜମିର ଅନ୍ତିମ ନକ୍ସା ପ୍ରସ୍ତୁତ କରାଯିବ । ରାଜସ୍ୱ ଅଥବା ଜଙ୍ଗଲ ବିଭାଗର ଯେଉଁ ରେକର୍ଡ଼ରେ ସେହି ଜମି ରହିଛି, ସମ୍ପୃକ୍ତ କର୍ତ୍ତୃପକ୍ଷ ସେହି ରେକର୍ଡ଼ରେ ତାକୁ ସମ୍ମିଳିତ କରିବେ । ଏଥିନିମନ୍ତେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢୀ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ଚିଠି ଜାରି କରିଛନ୍ତି । ରାଜ୍ୟର ନିୟମର ପ୍ରାସଙ୍ଗିକତାକୁ ନେଇ ଦିଆଯାଇଥିବା ସମୟସୀମା କିମ୍ବା ତିନିମାସର ସମୟସୀମା ମଧ୍ୟରେ ଏହାକୁ ସମ୍ପୂର୍ଣ୍ଣ କରିବାକୁ ଚିଠିରେ ଉଲ୍ଲେଖ ରହିଛି । ଏହି ପରିପ୍ରେକ୍ଷୀରେ ସମସ୍ତ ଜିଲ୍ଲାପାଳଙ୍କୁ କ୍ଷେତ୍ର ଅଧିକାରୀଙ୍କ ଦ୍ୱାରା ସ୍ୱୀକୃତ ହୋଇଥିବା ଜଙ୍ଗଲ ଜମିର ପର୍ଯ୍ୟବେକ୍ଷଣ କରି, ବକେୟା ଥିବା ଜଙ୍ଗଲ ଜମି ସ୍ୱତ୍ୱ ଗୁଡ଼ିକର ସୀମା ନିର୍ଦ୍ଧାରଣ (ଡିମାର୍କେସନ୍)ସହ 'ଭୂଲେଖ' ଡାଟାବେସରେ ବକେୟା ଥିବା ପଟ୍ଟା ଓ ନକ୍ସା ସଂଶୋଧନ କାର୍ଯ୍ୟକୁ ୩୦ ଏପ୍ରିଲ୍ ୨୦୨୬ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ସମ୍ବନ୍ଧୀୟ ସମସ୍ତ ସଂଶୋଧିତ ସୂଚନା ସରକାରୀ ରେକର୍ଡ଼ରେ ତୁରନ୍ତ ସମ୍ମିଳିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହାଦ୍ୱାରା ହିତାଧିକାରୀମାନଙ୍କ ଅଧିକାରର ସୁରକ୍ଷା ହେବା ସହ ସେମାନେ ସଠିକ୍ ଭାବରେ ବିଭିନ୍ନ ସରକାରୀ ଯୋଜନାର ସୁଫଳ ପାଇପାରିବେ ବୋଲି ରାଜସ୍ୱ ସଚିବ ଆଶାବ୍ୟକ୍ତ କରିଛନ୍ତି।

**AFFIDAVIT**

By virtue of an affidavit sworn before The Executive Magistrate, Nimapara dated 07.03.2026, I, Pravakar Sahoo S/o-Bauribandhu Sahoo, At-Nimapada Bazar, Po/ Ps/Block-Nimapada, Pin-752106, Dist-Puri do hereby declare that I have changed my name from Pravakara Sahoo to Pravakar Sahoo. Henceforth I shall be known as Pravakar Sahoo for all purposes.

**Sd/-Pravakar Sahoo**

CAP-34001/152/2526

GOVERNMENT OF ODISHA, "e"-PROCUREMENT NOTICE
OFFICE OF THE SUPERINTENDING ENGINEER, NAYAGARH (R&B) DIVISION, NAYAGARH
WORKS DEPARTMENT
Tender call Notice
E-mail: pwdoffngd34@gmail.com

Bid Identification No. S.E-Nayagarh (R&B) Division- Online 11/2025-26

The Superintending Engineer, Nayagarh (R&B) Division, Nayagarh on behalf of Governor of Odisha inviting percentage rate bid in single cover system in ONLINE MODE form eligible contractors for construction of Building work as detailed in the table below:

1. Nature of Work : Building & Electrical Works.
2. No of Work : 16 Nos
3. Tender Cost & EMD : To be remitted online through a process as mentioned in DTCN.
4. Class of Contractor : As mentioned in DTCN
5. Available of Bid Document in the Website : From Dt.11.03.2026 11.00 AM to Dt.19.03.2026 Up to 5.00 pm.
6. Date of opening of Bid : Dt.20.03.2026 at 11.00 AM
7. The have to participate in ONLINE bidding only. Further details can be seen from the Website: https://tenderodisha.gov.in . Any Addendum / Corrigendum / Cancellation of tender can also be seen in the said website.

OIPR-34001/34138/1/25-26/0001

Superintending Engineer
Nayagarh(R&B) Division, Nayagarh

## ମା ମଙ୍ଗଳାଙ୍କ ଝାମୁଯାତ୍ରା ପାଇଁ ପ୍ରସ୍ତୁତି ଶେଷ

କାକଟପୁର,୭।୩(ନିପ୍ର): କାକଟପୁରର ପ୍ରସିଦ୍ଧ ମା' ମଙ୍ଗଳାଙ୍କ ଚୈତ୍ର ମାସ ପାଳି ଯାତ୍ରା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ମଙ୍ଗଳା ମନ୍ଦିର ଟ୍ରଷ୍ଟ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଦାଶଙ୍କ ଅଧ୍ୟକ୍ଷତାରେ ଉକ୍ତ ବୈଠକରେ ମଙ୍ଗଳା ମନ୍ଦିର ଟ୍ରଷ୍ଟି ତଥା ସ୍ଥାନୀୟ ତହସିଲଦାର ଅଙ୍କିତା ଅନନ୍ଦିତାଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ ।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ